୬ ଅଣ୍ଡର-୧୯ ବିଶ୍ୱକପ୍ : ଆଫଗାନିସ୍ତାନକୁ ହରାଇ ଫାଇନାଲରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୯ ● ୫ ଫେବୃଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-9 ● 5th February 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଜନ୍ମମାଟିରେ ରାଷ୍ଟ୍ରପତି

# ପାଠ ସହିତ ସବୁ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିବାକୁ ଛାତ୍ରୀଙ୍କୁ ଦେଲେ ଆହ୍ୱାନ

ରାଇରଙ୍ଗପୁର,୪।୨
ନ୍ୟୁଜ୍‌ବ୍ୟୁରୋ

ଶିକ୍ଷା ହେଉଛି ବିକାଶର ପୁଞ୍ଜି। ଆମ ଦେଶର ଜାତୀୟ ପତାକାର ତିନି ରଙ୍ଗ ଆମକୁ ତ୍ୟାଗ ତପସ୍ୟା ଶାନ୍ତି ଓ ପ୍ରଗତିର ବାର୍ତ୍ତା ଦେଇଥାଏ। ତ୍ୟାଗ ତପସ୍ୟା ଦ୍ୱାରା ଶାନ୍ତି ମିଳେ, ଶାନ୍ତି ଆସିଲେ ପ୍ରଗତିର ପଥ ଉନ୍ମୁକ୍ତ ହୁଏ। ଗ୍ରାମରେ ଅଧିକ ଶକ୍ତି ଥାଏ ମାତ୍ର ଉପଯୁକ୍ତ ସୁଯୋଗର ଅଭାବରୁ ବହୁ ସମୟରେ ବିକଶିତ ହେବା ସମ୍ଭବ ହୋଇ ପାରେ ନାହିଁ। ଆଜିର ସମୟରେ ପାଠ ପଢିଲେ ସମସ୍ତଙ୍କୁ ଚାକିରି ମିଳିବା ସହଜ ସାଧ୍ୟ ନୁହେଁ। ତେଣୁ ପାଠ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସାମଗ୍ରିକ ଭାବେ ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତାକୁ ପ୍ରତିପାଦନ ପୂର୍ବକ ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟିତ ହେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି। ବୁଧବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତିନିଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଏସଏସଡି ବାଳିକା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଅନାବରଣ କରି ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଭାବ ବିନିମୟ (ପୃଷ୍ଠା ୭ରେ)



## ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜର ସ୍ଥାନ ସ୍ୱତନ୍ତ୍ର

ରାଇରଙ୍ଗପୁର, ୪।୨
ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାର ପ୍ରାଣକେନ୍ଦ୍ର ରାଇରଙ୍ଗପୁର ତଥା ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ ପ୍ରଥମ କର୍ମଭୂମିରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା, ତାଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଗତ ନଭେମ୍ବର ୨୭ ତାରିଖରେ ତାଙ୍କ ସହିତ ଓଡ଼ିଶାର ସମସ୍ତ ମନ୍ତ୍ରୀ ଓ ବିଧାୟକମାନେ ମହାମହିମ ରାଷ୍ଟ୍ରପତିଙ୍କୁ ରାଜ୍ୟ ବିଧାନସଭାରେ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଆମ ଭଳି ଜନପ୍ରତିନିଧି ମାନଙ୍କୁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ଆଜି ପୁଣି ତାଙ୍କୁ ସ୍ୱାଗତ କରିବାର ସୁଯୋଗ ମିଳିଛି। ତାଙ୍କର ଉପସ୍ଥିତି ଏହି ଅବସରକୁ ଐତିହାସିକ କରିଛି ଏବଂ ଏହି ଅଞ୍ଚଳର ଲୋକଙ୍କ ପାଇଁ ପ୍ରେରଣାଦାୟକ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ସରକାର ଏବଂ ରାଜ୍ୟବାସୀଙ୍କ ପକ୍ଷରୁ, ମୁଖ୍ୟମନ୍ତ୍ରୀ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ମୟୂରଭଞ୍ଜ ପାଇଁ ଏକ (ପୃଷ୍ଠା ୭ରେ)

# ଜାଗର ସମୟରେ ଶୃଙ୍ଖଳିତ ଦର୍ଶନ ଉପରେ ମୁଖ୍ୟଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା। ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ଚଳିତ ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଏହି ଉତ୍ସବରେ ଅନେକ ଭିଡ଼ ହେବାର ସମ୍ଭାବନା ରହିଛି। ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡ଼କୁ ଆୟତ୍ତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ। ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୁଲିସ



ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି। ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ। ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା। ଏଥି ସହିତ ସମୟ ଅନୁସାରେ ରୀତିନୀତିର ତଥ୍ୟ ବିଭିନ୍ନ ଟିଭି, ରେଡ଼ିଓ, ମୁଦ୍ରଣ ଗଣମାଧ୍ୟମ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରସାରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଜାଗର ଉତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବା ବିଷୟ ଆଲୋଚନରେ ସ୍ଥାନ ପାଇଥିଲା।

ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସାତକୋଶିଆ ପାଇଁ ୧୦୦ କୋଟି ଡିପିଆରକୁ ଅନୁମୋଦନ



ଭୁବନେଶ୍ୱର,୪।୨
ନ୍ୟୁଜ୍‌ବ୍ୟୁରୋ

ସାତକୋଶିଆ ଅଭୟାରଣ୍ୟ ହେବ ବିଶ୍ୱସ୍ତରୀୟ ଇକୋ-ଟୁରିଜିମ୍ ହବ୍। ଏଥିପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର)କୁ ଅନୁମୋଦନ ମିଳିଛି। ଏଠାରେ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଅଭୟାରଣ୍ୟ ମଧ୍ୟରେ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିପାଇଁ ବ୍ୟାଘ୍ର ଅଭୟାରଣ୍ୟର ୬ଟି ପ୍ରମୁଖ ସ୍ଥାନକୁ ଚିହ୍ନଟ କରାଯାଇଛି।

ପର୍ଯ୍ୟଟକଙ୍କ ସୁବିଧା ପାଇଁ ପୁରୁଣାକୋଟ, ଜଗନ୍ନାଥପୁର, ଟିକରପଡ଼ା, ବାଲିପୁଟ, କୁସଙ୍ଗ ଏବଂ ଛାମୁଣ୍ଡିଆ ଠାରେ ନୂଆ ପ୍ରବେଶ ପଥ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ଫୁଡ୍ କୋର୍ଟ, ଫ୍ଲୋଟିଂ ଜେଟି, ବନ୍ ଫାୟାର, ୱାଚ ଟାୱାର ଏବଂ ରିଭର ଭିୟୁ ଡେକ୍ ଭଳି ସୁବିଧା ସାମିଲ ରହିଛି। ଏହି ରୂପାନ୍ତରଣ ପରେ ସାତକୋଶିଆ କେବଳ ଓଡ଼ିଶା ନୁହେଁ, ବରଂ ଦେଶର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହେବ ବୋଲି ଆଶା କରାଯାଉଛି।

## ଲୋକସଭାରେ ତୁମୁଳ ହଟ୍ଟଗୋଳ

# ପ୍ରଧାନମନ୍ତ୍ରୀଙ୍କ ଆସନ ଘେରିଲେ ମହିଳା ଏମପି

ନୂଆଦିଲ୍ଲୀ, ୪।୨

ବୁଧବାର ଲୋକସଭାରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ବିରୋଧୀ ଦଳର ପ୍ରବଳ ହଟ୍ଟଗୋଳ ଯୋଗୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିପାରିନାହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ସ୍ମୃତି ଗ୍ରନ୍ଥରୁ କିଛି ଅଂଶ କହିବାକୁ ରାହୁଲ ଗାନ୍ଧୀଙ୍କୁ ଅନୁମତି ନ ମିଳିବା ପରେ ବିରୋଧୀ ଦଳ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ।

ସନ୍ଧ୍ୟା ପ୍ରାୟ ୫ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବର୍ଷା ଗାୟକଓ୍ୱାଡ ଏବଂ



ଜ୍ୟୋତିମଣିଙ୍କ ଭଳି କିଛି ମହିଳା ଏମପି ପ୍ରଧାନମନ୍ତ୍ରୀଙ୍କ ଆସନ ସମେତ ଶାସକ ଦଳର ଆସନଗୁଡ଼ିକୁ ଘେରି ଯାଇଥିଲେ। ସୋମବାର ୮ ଜଣ ବିରୋଧୀ ସାଂସଦଙ୍କ ନିଲମ୍ବନକୁ ବିରୋଧ କରି ସେମାନେ ଡୁ ହ୍ୱାଟ ଇଜ୍ ରାଇଟ୍ ଲେଖାଥିବା ଏକ ବଡ଼ ବ୍ୟାନର ପ୍ରଦର୍ଶନ କରିଥିଲେ। ବିଜେପି ଏମପି ମନୋଜ ତିୱାରୀ ଏହି ଘଟଣାକୁ ଅତ୍ୟନ୍ତ (ପୃଷ୍ଠା ୭ରେ)

## ଓଡ଼ିଶାରେ ଅତ୍ୟାଧୁନିକ କାରାଭାନ ଟୁରିଷ୍ଟ ସେବାର ଶୁଭାରମ୍ଭ

# ସୁରକ୍ଷିତ ଓ ଆନନ୍ଦଦାୟକ ଯାତ୍ରା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବୁଧବାର ଶାନ୍ତିସ୍ତୂପ ଧଉଳି ଠାରେ ପର୍ଯ୍ୟଟନ କାରାଭାନକୁ ଲୋକାର୍ପିତ କରିଛନ୍ତି। ଏହି କାରାଭାନ ମାଧ୍ୟମରେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକ ମାନେ ଭ୍ରମଣ କରିବାର ମଜା ନେଇପାରିବେ । ନିଜେ କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ସେଠାକାର ଖାଦ୍ୟପେୟ, ସଂସ୍କୃତି ଏବଂ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାର ସୁଯୋଗ ପାଇପାରିବେ ।

ଏହାକୁ ଉଦଘାଟନ କରି ଶ୍ରୀମତୀ ପରିଡା



କହିଲେ ଯେ ଏହି କାରାଭାନ୍ ଟୁରିଜିମ୍ ୟୁରୋପୀୟ ଦେଶରେ ମଧ୍ୟ ଖୁବ୍ ଲୋକପ୍ରିୟ ଏବଂ ଏ କ୍ଷେତ୍ରରେ ଆମର ଅନନ୍ୟ ପ୍ରୟାସ ଯୁବ ପର୍ଯ୍ୟଟକ, (ପୃଷ୍ଠା ୭ରେ)

## ଆନ୍ଧ୍ର ଅନୁପ୍ରବେଶ ବିରୋଧରେ ଆଇନଗତ ପଦକ୍ଷେପ ସମ୍ପର୍କରେ ଅଧ୍ୟୟନ କରାଯାଉଛି

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

କୋଟିଆରେ ଆନ୍ଧ୍ର ଅଧିକାରୀଙ୍କ ଅନୁପ୍ରବେଶ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଅନୁପ୍ରବେଶ ବିରୋଧରେ କଣ ଆଇନଗତ ପଦକ୍ଷେପ ନେଇ ହେବ ତାହା ଅଧ୍ୟୟନ କରାଯାଉଛି । କୌଣସି ଜାଗାରେ ବିଶୃଙ୍ଖଳା ସୃଷ୍ଟି କରିବା ମଧ୍ୟ ଆଇନ ଅନୁସାରେ ଅପରାଧ। ଓଡ଼ିଶା ସଂସଦୀୟ ଗଣତନ୍ତ୍ରରେ ବିଶ୍ୱାସ କରେ । ଅନେକ ଗୁଡ଼ିଏ ଅସ୍ତ୍ର ଅଛି । ହେଲେ ଏକା ଥରେ ବ୍ରହ୍ମାସ୍ତ୍ର ବ୍ୟବହାର କାହିଁକି କରିବା । ଆନ୍ଧ୍ର ଆମର ଅମାନିଆ ଭାଇ । ଆମେ ବୁଝାଉଛୁ, ମନାଉଛୁ । ଯଦି ସେମାନେ ବୁଝିବେ ନାହିଁ । ତେବେ ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ମହାମହିମ

ପୁରୀ,୪।୨
ନ୍ୟୁଜ୍‌ବ୍ୟୁରୋ

ରାଷ୍ଟ୍ରପତି ଦୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ବୁଧବାର ଶ୍ରୀକ୍ଷେତ୍ର ପୁରୀ ଯାଇ ଶ୍ରୀମନ୍ଦରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ପୂର୍ଜନା କରିଛନ୍ତି। ଏହା ପୂର୍ବରୁ ସେ ପୂର୍ବାହ୍ନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିଛନ୍ତି।

ଅବକାଶ ନୀତି ପରେ ରାଷ୍ଟ୍ରପତି



ମହାପ୍ରଭୁଙ୍କୁ ପୂର୍ଣ୍ଣାଙ୍ଗ ବେଶରେ ଦର୍ଶନ କରିଥିଲେ। ଗର୍ଭଗୃହରେ ମହାପ୍ରଭୁଙ୍କୁ ଦେଖି ଲୁହ ଝରାଇଲେ। ମୁକ୍ତି ମଣ୍ଡପ ପଣ୍ଡିତଙ୍କ ଆଶୀର୍ବାଦ ନେଲେ । (ପୃଷ୍ଠା ୭ରେ)

## ସୁଲଭ ଚିକିତ୍ସା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

ବିଶ୍ୱ କ୍ୟାନ୍ସର ଦିବସରେ ସମସ୍ତଙ୍କ ପାଇଁ ସୁଲଭ ଓ ଉତ୍ତମ ଗୁଣମାନର ଚିକିତ୍ସା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ କ୍ୟାନ୍ସର ଦିବେସ ଅବସରରେ, କ୍ୟାନ୍ସର ଯୋଦ୍ଧା, ସେବାଦାତା ଏବଂ ଏହି ରୋଗରେ ପ୍ରଭାବିତ ପ୍ରତ୍ୟେକ (ପୃଷ୍ଠା ୭ରେ)

## ଏକାଳ ପଖାଳ



କଙ୍କଡା ରୀତିରେ ଗୋଡ ଟଣାଟଣି
ବିରୋଧୀ ଯେ ହେବେ କଣ
ଶାସକର ଭୂଲ ଠିକ୍ ଦେଖିବେ
ଶେଉଳ ଦିଶୁନି ଗୁଣ
ମନ ଦେଇକରି ଶୁଣ
ଦଳଟାକୁ ଟିକେ ସଜାଡିବା ଶିଖ
ତାପରେ କରିବ ରଣ।

# କ୍ୟାନ୍ସରର ହଟ୍ ସ୍ପଟ୍ ପାଲଟିଛି ଓଡିଶା



ଭୁବନେଶ୍ୱର, ୪।୨
ନ୍ୟୁଜ୍ ବ୍ୟୁରୋ

କ୍ୟାନ୍ସର ରୋଗର ହଟ ସ୍ପଟ ପାଲଟିଛି ଓଡିଶା। ରାଜ୍ୟରେ ପ୍ରତି ବର୍ଷ ୫୫ହଜାର କ୍ୟାନ୍ସର ରୋଗୀ ଚିହ୍ନଟ ହେଉଛନ୍ତି। ଏହା ସହିତ ଚିହ୍ନଟର ପ୍ରଥମ ବର୍ଷରେ ୬୦ ପ୍ରତିଶତ ଅର୍ଥାତ ପ୍ରାୟ ୩୫ ହଜାର ରୋଗୀ ମୃତ୍ୟୁ ବରଣ କରୁଛନ୍ତି। ୨୦୨୫-୨୬ ବର୍ଷରେ ତେବେ ରାଜ୍ୟରେ ସର୍ବାଧିକ ମୁଖ ଗହ୍ୱର କର୍କଟ ଚିହ୍ନଟ ହୋଇଛନ୍ତି। କ୍ୟାନ୍ସର ଭଳି ରୋଗକୁ କିଭଳି ଭାବରେ ଶୀଘ୍ର ଚିହ୍ନଟ କରାଯିବ ସେନେଇ ଗାଁ ଗାଁ ବୁଲି ସଚେତନତା କରିବେ ଏସଏଚଜି ଗ୍ରୁପ।

ସୂଚନା ଅନୁଯାୟୀ ୨୦୨୫ -୨୬ରେ ଜାନୁୟାରୀ ସୁଦ୍ଧା ୨୩୧୩୧ କ୍ୟାନ୍ସର ରୋଗୀ ଚିହ୍ନଟ ହୋଇଛନ୍ତି। ସବୁଠୁ ଅଧିକ କଟକରେ ୪୭୭୯ ରୋଗୀ ଚିହ୍ନଟ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ୧୮୭୮, ଯାଜପୁରରେ ୧୧୫୩, ଜଗତସିଂହପୁରରେ ୧୮୨୨, ବାଲେଶ୍ୱର ରେ ୧୫୪୬ ଓ ଭଦ୍ରକରେ ୧୪୩୨ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଡ଼ାଇଗନୋସିସ ହେବାର ପ୍ରଥମ ବର୍ଷରେ ୬୦ ପ୍ରତିଶତ ଅର୍ଥାତ ପ୍ରାୟ ୩୫ ହଜାର କ୍ୟାନ୍ସର ରୋଗୀ ମୃତ୍ୟୁ ବରଣ କରୁଛନ୍ତି। ଟେଷ୍ଟିଂକୁ ନେଇ ରାଜ୍ୟରେ ଉପଯୁକ୍ତ ସାଧନ ନ ଥିବାରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି।

# ଏସ୍‌ସି, ଓବିସି ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା ଅନଲାଇନ କୋଚିଂ ସୁବିଧା

ନୂଆଦିଲ୍ଲୀ, ୪।୨

ଦେଶର ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ମାଗଣା ଅନଲାଇନ କୋଚିଂ ଦେବେ ସରକାର। ଅନୁସୂଚିତ ଜାତି, ପଛୁଆ ବର୍ଗ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବୀଙ୍କୁ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ଦେବା ପାଇଁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ 'ଫିଜିକ୍ସ ୱାଲା' ଫାଉଣ୍ଡେସନ ସହଭାଗିତାରେ ପ୍ରତିବର୍ଷ ୫,୦୦୦ ଆଶାୟୀଙ୍କୁ ମାଗଣା ଅନଲାଇନ କୋଚିଂ ପ୍ରଦାନ କରାଯିବ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ସମଗ୍ର ଭାରତରୁ ଏସ୍‌ସି, ଓବିସି ଏବଂ 'ପିଏମ କେୟାର୍ସ ଫର ଚିଲଡ୍ରେନ' ଯୋଜନାର ହିତାଧିକାରୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଛାତ୍ରଛାତ୍ରୀଙ୍କୁ ମେଧା ଭିତ୍ତିରେ ଏକ ଉତ୍ସର୍ଗୀକୃତ ଅନଲାଇନ ପୋର୍ଟାଲ ମାଧ୍ୟମରେ ଚୟନ କରାଯିବ।

ଏହି ଯୋଜନା ମାଧ୍ୟମରେ ପରୀକ୍ଷାର୍ଥୀମାନେ ପରୀକ୍ଷା ୟୁପିଏସ୍‌ସି, ଏସ୍‌ଏସ୍‌ସି ବ୍ୟାଙ୍କିଂ ପରୀକ୍ଷା ପାଇଁ ପ୍ରଶିକ୍ଷଣ ପାଇପାରିବେ। ଏଥିପାଇଁ ଚୟନ ହୋଇଥିବା ୫,୦୦୦ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଗୁଣାତ୍ମକ ଶିକ୍ଷା ସମ୍ବଳ ଯୋଗାଇ ଦିଆଯିବ। ଯେଉଁଥିରେ ଲାଇଭ୍ (ପୃଷ୍ଠା ୭ରେ)



# ବର୍ଜ୍ୟରୁ ସମ୍ପଦ: ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବ ଓଡ଼ିଶା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଓଡ଼ିଶା ଅର୍ବାନ୍ ଏକାଡେମୀଠାରେ ଫେକାଲ୍ ସ୍ଲଜ୍ ଏବଂ ସେପଟେଜ୍ ପରିଚାଳନା (ଏଫଏସଏସଏମ୍ ) ଉପରେ ଏକ ଶିକ୍ଷଣ ଭିତିକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ରାଜ୍ୟର ସହରାଞ୍ଚଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଟିଏସୟୁ-ଏଫଏସଏସଏମ୍ ଏବଂ 'ଦସ୍ରା' ର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ପ୍ରମୁଖ ସହଯୋଗୀମାନେ ଯୋଗ ଦେଇ ଓଡ଼ିଶାର ଅଗ୍ରଣୀ ପରିମଳ ପଦକ୍ଷେପଗୁଡ଼ିକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା କରିଥିଲେ । ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଓ୍ୱାଟକୋ, ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆ ଏବଂ ଟାଇଡ୍ ଟେକ୍ନୋକ୍ରାଟସ୍ ଲିମିଟେଡ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁଯାୟୀ, ବାସୁଆଘାଇ ଫେକାଲ୍ ସ୍ଲଜ୍ ଟ୍ରିଟ୍‌ମେଂଟ ପ୍ଲାଂଟ ଠାରେ ଏକ ଅତ୍ୟାଧୁନିକ 'ପାଇରୋଲିସିସ୍ ୟୁନିଟ୍' ପ୍ରତିଷ୍ଠା କରାଯିବ । ପରିମଳ କ୍ଷେତ୍ରରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ଏବଂ 'ଗତିଶୀଳ ଇକୋନୋମି'ର ପ୍ରସାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।କର୍ମଶାଳାରେ ଅଂଶୀଦାରମାନଙ୍କ ସହ ଏକ ବିସ୍ତୃତ ପରାମର୍ଶ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଏଫଏସଏସଏମ୍ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା, ଯାହା ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପ ସହ ସମାନୁପାତିକ । ଏହି ଅବସରରେ ଶ୍ରୀମତୀ ପାଢୀ ରାଜ୍ୟ ସରକାର ଏବଂ ସହଯୋଗୀ ସଂସ୍ଥାଗୁଡ଼ିକର ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଓଡ଼ିଶାର ଏଫଏସଏସଏମ୍ କାର୍ଯ୍ୟକ୍ରମ ସହରୀ ବିକାଶ କ୍ଷେତ୍ରରେ ଏକ 'ଉଜ୍ଜ୍ୱଳ ତାରକା' ସଦୃଶ, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇଛି । ଏହାସହ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଦୀର୍ଘ ଦିନ ଧରି ସହଯୋଗ କରି ଆସୁଥିବା ଗେଟ୍ସ ଫାଉଣ୍ଡେସନ୍‌କୁ ସେ ଧନ୍ୟବାଦ ଜଣାଇଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ (ସହରାଂଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ କହିଥିଲେ ଯେ, ଏହି କର୍ମଶାଳା ଓଡ଼ିଶାର ପରିମଳ ବ୍ୟବସ୍ଥାକୁ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତ ଏବଂ ସ୍ଥାୟୀ କରିବାରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ।

# ମହିଳା ଚାଷୀଙ୍କୁ ମିଳୁନି ଚାଷ ପାଇଁ ପାଣି ଓ ବିଦ୍ୟୁତ୍ ସଂଯୋଗ

**କେନ୍ଦ୍ରାପଡା ,ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ପଂଚାୟତର ମହିଳା ଚାଷୀ କୁମାରୀ ଦେବସ୍ମିତା ପାଠଶାଠ ପଢିଲା ପରେ ଚାଷକୁ ଆପଣାଇ ପ୍ରାୟ ୧୦ଏକର ଜମିରେ ପନିପରିବା ଚାଷ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି । କିନ୍ତୁ ଦୁର୍ଭାଗ୍ୟର କଥା ଯେ ଏହି ମହିଳା ଚାଷୀଙ୍କୁ ବିଭାଗୀୟ ଅଧିକାରୀମାନେ ଚାଷ ପାଇଁ ପାଣି ଯୋଗାଇବାକୁ ଅବହେଳା ପ୍ରଦର୍ଶନ କରୁଥିବାରୁ ସେ କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ପ୍ରାୟ ୧୦ଏକର ଜମିରେ ଦେବସ୍ମିତା କଖାରୁ, ମଟରଛୁଇଁ, ବିମ୍, ଝୁଡଙ୍ଗ, ବନ୍ଧାକୋବି, ଫୁଲକୋବି, ପୋଟଳ, ବାଇଗଣ, ଟମାଟର, ଭେଣ୍ଡି, ଜହ୍ନି ଆଦି ଚାଷ କରୁଥିବାବେଳେ ଧୁମାତ ଗ୍ରାମର ଖାତା ନଂ-୬୧୬, ପ୍ଲଟ ନଂ-୪୮୪ ପ୍ଲଟରେ ଥିବା ଚାଷଜମିରେ ଗଭୀର ନଳକୂପ ସ୍ଥାପନ କରିଅଛି । ଉକ୍ତ ନଳକୂପରୁ ଜଳସେଚନ କରିବା ପାଇଁ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଅଟେ । ଯାହାଦ୍ୱାରା ଚାଷ ଜମିରେ ଜଳସେଚନ କରି ଫସଲ ଉତ୍ପାଦନ କରିହେବ । କିନ୍ତୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିଭାଗୀୟ ଅବହେଳା ଓ ଚାଷ ଜମିରେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ଅବହେଳା କରୁଥିବାରୁ ସେ ଅଭିଯୋଗ କରିଛନ୍ତି । ତୁରନ୍ତ ତାଙ୍କୁ ପାଣି ଓ ବିଦ୍ୟୁତ୍ ସଂଯୋଗ ଯୋଗାଇବା ପାଇଁ ସେ ଦାବି କରିଛନ୍ତି ।

# ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲଣ୍ଡ୍ରୀ ଦୋକାନ ଭସ୍ମୀଭୂତ

**କୋରେଇ, ନ୍ୟୁଜ ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ସରସ୍ୱତୀ ମାର୍କେଟରେ ଏକ ଲଣ୍ଡ୍ରୀ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଊର୍ଦ୍ଧ୍ୱ ଗ୍ରାହକଙ୍କ ଲୁଗାପଟା ଓ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଏଥି ସହିତ ଉକ୍ତ ଦୋକାନ ନିକଟରେ ଥିବା ଏକ ନଡ଼ିଆ ଗୋଦାମର ବ୍ୟାଟେରୀ ଓ ଇନଭର୍ଟର ସମ୍ପୂର୍ଣ୍ଣ ଜଳି ଯାଇଛି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ଅଫସରପୁର ଗ୍ରାମର ଫକିର ସେଠୀ ସରସ୍ୱତୀ ମାର୍କେଟରେ ଦୀର୍ଘ ବର୍ଷ ହେବ ଏକ ଲଣ୍ଡ୍ରୀ ଦୋକାନ କରିଛନ୍ତି । ସବୁଦିନ ପରି ସେ ଗତ କାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତେବେ ତାଙ୍କ ଦୋକାନ ନିକଟରେ ଥିବା ଏକ ନଡ଼ିଆ ଗୋଦାମର ମାଲିକ ଅଜୟ କୁମାର ସ୍ୱାଇଁ ସକାଳ ୫ଟା ସମୟରେ ଦୋକାନ ଖୋଲି ଦୋକନରେ ଥିବା ଇନଭର୍ଟର ଓ ବ୍ୟାଟେରୀ ଜଳି ଯାଇଥିବା ସହିତ ଉକ୍ତ ଲଣ୍ଡ୍ରୀ ଦୋକାନରୁ ଧୁଆଁ ବାହାରୁ ଥିବାର ଦେଖି ଦୋକାନ ମାଲିକ ଶ୍ରୀ ସେଠୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ଖବର ପାଇ ଲଣ୍ଡ୍ରୀ ଦୋକାନୀ ତୁରନ୍ତ ଆସି ଦୋକାନ ସଟର ଖୋଲିବା ବେଳକୁ ଗ୍ରାହକମାନେ ସଫା ଓ ଇସ୍ତ୍ରୀ କରିବା ଲାଗି ଦେଇଥିବା ଲୁଗାପଟା ସମେତ ତାଙ୍କର ଏକ କାଠ ଆଲମାରୀ ଓ ଇସ୍ତ୍ରୀ ଟେବୁଲ ଜଳୁଥିବାର ଦେଖି ଥିଲେ । ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ପାଣି ଢାଳି ନିଆଁ ଲିଭାଇଥିଲେ ମଧ୍ୟ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା । ଏ ନେଇ ଲଣ୍ଡ୍ରୀ ଦୋକାନୀ ଥାନାରେ ଅଭିଯୋଗ କରିଛନ୍ତି ।

# ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସଚେତନତାମୂଳକ ପଦଯାତ୍ରା

**କଟକ, ନ୍ୟୁଜ ବ୍ୟୁରୋ**




ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୬ ପାଳନ ଅବସରରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସଚେତନତାମୂଳକ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ପଦଯାତ୍ରାର ଉଦଘାଟନ କରି କନ୍ୟାସନ୍ତାନ ମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଓ ସମାନ ଅଧିକାର ସମ୍ପର୍କରେ ସାମାଜିକ ସଚେତନତା ବୃଦ୍ଧି କରିବା ନେଇ ମତପ୍ରକାଶ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ କନ୍ୟାଶିଶୁଙ୍କ ସଶକ୍ତିକରଣ, ଲିଙ୍ଗ ସମାନତା ଓ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ,ସମାଜର ପ୍ରତ୍ୟେକ ବ୍ୟକ୍ତି କନ୍ୟାଶିଶୁଙ୍କ ଅଧିକାର ଓ ସୁରକ୍ଷା ପାଇଁ ସକ୍ରିୟ ଭୂମିକା ନେବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା,ବିଦ୍ୟାଳୟର ଛାତ୍ରୀ,ବିଭିନ୍ନ କାର୍ଯ୍ୟାଳୟର ଅଙ୍ଗନବାଡି ସୁପରଭାଇଜର ଓ ଅଙ୍ଗନବାଡି କର୍ମଚାରୀ ,ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ପଦଯାତ୍ରାକୁ ସଫଳ କରିଥିଲେ । ପଦଯାତ୍ରାରେ "ବେଟି ବଚାଓ, ବେଟି ପଢାଓ" ପରି ସ୍ଲୋଗାନ୍ । ମାଧ୍ୟମରେ ସମାଜକୁ ସକାରାତ୍ମକ ସନ୍ଦେଶ ଦିଆଯାଇଥିଲା । ଏଠାରେ ସୂଚନାଯୋଗ୍ୟ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଯୋଗୁଁ ପ୍ରବାସୀ ଶ୍ରମିକ ହେବାରୁ ରକ୍ଷା ପାଇଲେ ମେଧାବୀ ଛାତ୍ର ରତିକାନ୍ତ

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

ଦାରିଦ୍ର୍ୟତା ଓ ପରିସ୍ଥିତିର ଚାପରେ ପ୍ରବାସୀ ଶ୍ରମିକ ହେବାକୁ ବାଧ ହେଉଥିବା ଜଣେ ମେଧାବୀ ଛାତ୍ରଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ଆଜି ପୁନର୍ଜୀବନ ଦେଇଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ । କୋମନା ବ୍ଲକ୍ ର ନୂଆଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ସାଲେଭଟା ଗ୍ରାମର ରତିକାନ୍ତ ଜଗତ ୨୦୨୪ ମସିହାରେ ମହାମାୟା ଇନଷ୍ଟିଚ୍ୟୁଟ୍, ନୂଆପଡ଼ାରୁ ଯୁକ୍ତ ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ । ମେଧାବୀ ଛାତ୍ର ହୋଇଥିଲେ ମଧ୍ୟ ପରିବାରର ଆର୍ଥିକ ଅବସ୍ଥା ତାଙ୍କ ଶିକ୍ଷା ପଥରେ ବଡ଼ ବାଧା ସୃଷ୍ଟି କରିଥିଲା । ତାଙ୍କ ପିତା ରୋହିତ କୁମାର ଜଗତ ଜଣେ 'ଯୋଗାଣ ସହାୟକ' ଭାବେ କାର୍ଯ୍ୟରତ ଥିଲେ । କିନ୍ତୁ, ଏକ ଗୋଡ ଅଚଳ ହୋଇଯିବା ପରେ ସେ ଚାକିରି ହରାଇଥିଲେ । ଫଳସ୍ୱରୂପ ପରିବାରର ଆର୍ଥିକ ସ୍ଥିତି ଗଭୀର ଭାବେ ଅବନତି ହୋଇଥିଲା । ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ଅର୍ଥ ନଥିବାରୁ ଏବଂ ପରିବାର ପ୍ରତିପୋଷଣ ପାଇଁ ରତିକାନ୍ତ ଅନ୍ୟ ରାଜ୍ୟକୁ ପ୍ରବାସୀ ଶ୍ରମିକ ଭାବେ ଯିବାର ଯୋଜନା କରୁଥିଲେ । ଆଶାର ଶେଷ ଆଲୋକ ହେଲା ଜିଲ୍ଲାପାଳଙ୍କ ଜନଶୁଣାଣୀ । କିଛି ଦିନ ପୂର୍ବରୁ, ପରିବାର ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଉପସ୍ଥିତ ହୋଇ ନିଜ ଦୁଃଖ କଥା ରଖିଥିଲେ । ସେତେବେଳେ ଜିଲ୍ଲାପାଳ ରେଡକ୍ରସ୍ ପାଣ୍ଠିରୁ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଦେଇଥିଲେ । ସୋମବାର ସଦ୍‌ଭାବନା ସଭାଗୃହରେ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ପୁନର୍ବାର ପରିବାର ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଏବଂ ଅସହାୟତା ପ୍ରକାଶ କରିଥିଲେ । ପରିବାର ଚଳାଇବା ପାଇଁ ପୁଅ ତାମିଲନାଡୁ ଯିବା ପାଇଁ ବାଧ ହେଉଛି ବୋଲି କହିଥିଲେ । ଛାତ୍ରଙ୍କ ଭବିଷ୍ୟତ ଚିନ୍ତା କରି ଜିଲ୍ଲାପାଳ ମହାମାୟା ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକଙ୍କ ସହ ତୁରନ୍ତ ଆଲୋଚନା କରି ରତିକାନ୍ତଙ୍କ ପାଇଁ ବିଏସସି ପାଠ୍ୟକ୍ରମରେ ତାଙ୍କୁ ଭର୍ତି କରିବା ନେଇ ସୁନିଶ୍ଚିତ କରିଥିଲେ । ବୁଧବାର କଲେଜରେ ଭର୍ତି ସମ୍ପର୍କିତ ସମସ୍ତ ବ୍ୟବସ୍ଥା କରିବାକୁ ଡେପୁଟୀ କଲେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ, କୋମନା ବିଡିଓଙ୍କୁ ରୋହିତ ଜଗତଙ୍କ ୨.୫ ବର୍ଷର ବକେୟା ଦରମା ମିଳିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ଆମ ଦୁଃଖ ଜାଣି ଜିଲ୍ଲାପାଳ ତୁରନ୍ତ ମହାମାୟା ଇନଷ୍ଟିଚ୍ୟୁଟ୍ ର ନିର୍ଦ୍ଦେଶକଙ୍କୁ ଫୋନ୍ କରି ମୋ ପୁଅର ଉଚ୍ଚ ଶିକ୍ଷା ବ୍ୟବସ୍ଥା କରିଦେଲେ । ଆଜି ମୋ ପୁଅର ଭବିଷ୍ୟତ ସୁରକ୍ଷିତ ହୋଇଛି ବୋଲି କହିଛନ୍ତି ପିତା ରୋହିତ କୁମାର ଜଗତ । ସେହିପରି ଆଜି ଜିଲ୍ଲାପାଳ କୋଟେନଚୁଆଁ ଗାଁ ର ଜଣେ ୧୦ମ ଶ୍ରେଣୀ ମେଧାବୀ ଛାତ୍ରୀ ଅଙ୍କିତା ଅଗରିଆଙ୍କ ଘରକୁ ଯାଇ ତାଙ୍କୁ ପାଠପଢ଼ା ସମ୍ପର୍କରେ ପରାମର୍ଶ ଦେବା ସହିତ ବୋର୍ଡ ପରୀକ୍ଷାରେ ଉତମ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଦେଇଥିଲେ ।

# ଏଏସଓ ପରୀକ୍ଷାରେ ଜାଲିଆତି ଘଟଣା ବନ୍ଧା ହେବେ ଅନେକ ଅଭିଯୁକ୍ତ

କଟକ: ହାଇକୋର୍ଟଙ୍କ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ବା ଏଏସ୍ଓ ପରୀକ୍ଷା-୨୦୨୪ରେ ହୋଇଥିବା ଜାଲିଆତି ମାମଲାରେ କଟକର ଲାଲବାଗ ଥାନା ପୋଲିସର ତଦନ୍ତ ଜାରି ରଖିଛି । ଏହି ମାମଲାରେ ୨ ଦିନ ତଳେ ୬ ଜଣଙ୍କୁ ଗିରଫ ହୋଇ ଥିବା ବେଳେ ଏହି ରାକେଟର କିଛି ସଦସ୍ୟ ପୂର୍ବରୁ ପୋଲିସ ଏସ୍.ଆଇ ଏବଂ ସ୍ପେଶାଲ ଓଟିଇଟି ପରୀକ୍ଷା ଜାଲିଆତିରେ ମଧ୍ୟ ସମ୍ପୃକ୍ତ ଥିବା ନେଇ ପୋଲିସ ପ୍ରମାଣ ପାଇଛି । ବିଶେଷ କରି ପଞ୍ଚ ସଫ୍ଟର ମାଲିକ ମୁନା ମହାନ୍ତି ଓ ସିଲିକନ ଟେକ ପ୍ରାଇଭେଟ ଲିମିଟେଡ଼ର ମାଲିକ ସୁରେଶ ଦାସ ଏହି ରାକେଟରେ ସାମିଲ ଥିବା ଜଣା ପଡିଛି । ଫଳ ସ୍ୱରୂପ ସେହି ଦୁଇ ଜଣଙ୍କୁ ମଧ୍ୟ ଏହି ମାମଲାରେ ପୋଲିସ କେସ ରିମାଣ୍ଡ ଦେବ ବୋଲି ଜଣା ପଡିଛି । ତେବେ ଏହି ମାମଲାରେ ଯେଉଁ ମାନଙ୍କ ନାଁ ସାମ୍ନାକୁ ଆସିବ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଛନ୍ତି କଟକ ଡିସିପି । ହାଇକୋର୍ଟଙ୍କ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ବା ଏଏସ୍ଓ ପରୀକ୍ଷା ଗତ ବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହୋଇ ଥିବା ବେଳେ ଏହି ପରୀକ୍ଷା ସିଲିକନ ଟେକ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ପରିଚାଳିତ ହୋଇ ଥିଲା । ତେବେ ଏହି ପରୀକ୍ଷାରେ ମଡେଲ ଉତ୍ତର (ଗକ୍ସୟରକ୍ଷ ଇଭସ୍ପଙ୍ଗରକ୍ସ) ଲିକ୍ ହେବା ସହ କିଛି ପରୀକ୍ଷାର୍ଥୀ ଅସ୍ୱାଭାବିକ ଭାବେ ଅଧିକ ନମ୍ବର ରଖିଥିବା ଜଣାପଡ଼ିବା ପରେ ପୋଲିସ ବୈଷୟିକ ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ନିଯୁକ୍ତି ମେଳା

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆସନ୍ତା ୨୫ ତାରିଖରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ,ଜିଲ୍ଲା ନିଯୋଜନ ଅଧିକାରୀ ଇନ୍ଦିରା ମଲ୍ଲୀକ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ,ବିଭିନ୍ନ କଲେଜ,ଆଇ.ଟି.ଆଇ ଓ ଡିପ୍ଲୋମା କଲେଜ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇଥିଲେ ।ନିଯୁକ୍ତି ମେଳାକୁ ଶୃଙ୍ଖଳିତ ଏବଂ ସଠିକଭାବେ ଆୟୋଜନ ନେଇ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଓଡିଶା ଦକ୍ଷତା ବିକାଶ (ଓଏସ୍‌ଡିଏ)ପ୍ରାଧିକରଣଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନକେନ୍ଦ୍ରାପଡ଼ାଙ୍କ ଦ୍ୱାରା ଓ ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ାଙ୍କ ସହଯୋଗରେ ଆସନ୍ତା ୨୫ ଫେବୃଆରୀରେ ପୂର୍ବାହ୍ନ ୧୦ ଘଟିକାରୁ ୩ ଘଟିକା ମଧ୍ୟରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ । ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତିଦାତା ସଂସ୍ଥା ଯୋଗଦାନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି । ନିଯୁକ୍ତି ସଂସ୍ଥା ମାନଙ୍କ ଦ୍ୱାରା କିଛି ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ଓ ଆଉ କିଛି ଜଣଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀ ଠାରୁ +୩, ଏଏନଏମ, ଜିଏନଏମ , ଆଇ. ଟି. ଆଇ ଓ ଡିପ୍ଲୋମା ପାସ୍ କରିଥିବା ୧୮ବର୍ଷରୁ ୩୫ବର୍ଷ ମଧ୍ୟରେ ହୋଇଥିଲେ ଅଂଶ ଗ୍ରହଣ କରିପାରିବେ ।

# ଯୁବ ମାଓବାଦୀର ଆତ୍ମ ସମର୍ପଣ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ରାଉରକେଲା ପୁଲିସ ପାଖରେ ଜଣେ ଯୁବ ମାଓବାଦୀ ଆତ୍ମ ସମର୍ପଣ କରିଥିବା ନେଇ ପୁଲିସ ସୂଚନା ଦେଇଛି । ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ଆଇଜି ବ୍ରିଜେଶ ରାୟ ଓ ରାଉରକେଲା ଏସପି ସୂଚନା ଦେଇଛନ୍ତି । ମାଓବାଦୀର ନାମ ପ୍ରଭୁ (୧୮) । ସେ ପଡୋଶୀ ରାଜ୍ୟରେ ମାଓ କାର୍ଯ୍ୟ ରେ ସମ୍ପୃକ୍ତ ଥିଲା । ୨ ବର୍ଷ କାଳ ସେ ମାଓବାଦୀ ମାନଙ୍କୁ ସହଯୋଗ କରିଆସୁଥିଲା ବୋଲି କୁହାଯାଇଛି । ସରଣ୍ଡା ଜଙ୍ଗଲରେ ସକ୍ରିୟା ଥିବା ଏହି ମାଓବାଦୀ ନିଜର ବରିଷ୍ଠ ସଦସ୍ୟ ମାନଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ସରକାରଙ୍କ ମାଓ ନୀତିରେ ଆକୃଷ୍ଟ ହୋଇ ରାଉରକେଲା ଏସପିଙ୍କ ନିକଟରେ ଆତ୍ମ ସମର୍ପଣ କରିଥିବା ନେଇ ପୁଲିସ କହିଛି ।

# ଅଭିନବ ଉପାୟରେ ଠକେଇ ଉଦ୍ୟମ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଏକ ମହିଳା ଔଷଧ ଦୋକାନୀ ଉପସ୍ଥିତ ବୁଦ୍ଧି ଯୋଗୁଁ ସାଇବର ଠକେଇ ଶିକାର ହେବାରୁ ରକ୍ଷା ପାଇଯାଇଛନ୍ତି । ସୂଚନା ମୁତାବକ ଗତକାଲି ଜାରକାସ୍ଥିତ ଏକ ଔଷଧ ଦୋକାନ ମାଲିକଙ୍କ ନିକଟକୁ ୭୬୮୪୦୯୦୨୦୭ ନମ୍ବରରୁ ଏକ କଲ ଆସିଥିଲା । ତେବେ କଲ ଉଠାଇବା ପରେ ମୁ ଜାରକାସ୍ଥିତ ରାଉତ ଔଷଧ ଦୋକାନରୁ କହୁଛି ବୋଲି କହିଥିଲେ । ସେ ଭୁବନେଶ୍ୱର ଆସିଛି କହିବା ସହ ଏଠାରେ ଏସି ଶସ୍ତାରେ ମିଳୁଛି ବୋଲି କହି ସେ ଚାରିଗୋଟି ଏସି ନେଇଛନ୍ତି ବୋଲି କହିଥିଲେ । ତୁରନ୍ତ ତାଙ୍କ ଫୋନପେରେ ଟଙ୍କା ପଠାଇବାକୁ କହିଥିଲେ । ଏହି ସମୟରେ ଉକ୍ତ ଦୋକାନ ମାଲିକଙ୍କ ସ୍ୱାମୀ କଲ ଧରିଥିଲେ । ଏସି ଆଣି ଦୋକାନରେ ପହଁଚାଇବା ପରେ ଟଙ୍କା ଦିଆଯିବ ବୋଲି କହିବାରୁ ସେ ଫୋନ କାଟି ଦେଇ ବ୍ଲକ କରିଦେଇଥିଲେ । ତେବେ ଜାରକାରେ ରାଉତ ଔଷଧ ଦୋକାନ କାହାର ବୋଲି କଲ ଗ୍ରହଣ କରିଥିବା ଔଷଧ ଦୋକାନୀ ଜାଣିନଥିବା ବେଳେ କିଏ କାହିଁକି ଏଭଳି ଠକେଇ କରିବାକୁ ଉଦ୍ୟମ କରିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ହେଲେ ଏସମ୍ପର୍କରେ ଔଷଧ ବ୍ୟବସାୟୀ ଜଣକ ଥାନାରେ ଅଭିଯୋଗ କରିନଥିବା ଜଣାପଡିଛି ।

# ଦାଦନ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ, ଶବ ଆଣିବା ପାଇଁ ଖଡ଼ିଆଳ ଥାନାରେ ଅଭିଯୋଗ କଲେ ସ୍ତ୍ରୀ

**ନୂଆପଡ଼ା, ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ ହୋଇଛି । ସେ ହେଲେ ଖଡିଆଳ ଥାନା ଭୋଜପୁର ଗାଁର ଦେବ କୁମାର ଠେଲା (୩୦) । ସୂଚନା ଅନୁସାରେ, ଦେବ କୁମାର କିଛି ଦିନ ତଳେ ବଲାଙ୍ଗୀର ଜିଲ୍ଲାର କେତେଜଣ ଲୋକଙ୍କ ସହ କାମ କରିବାକୁ ମୁମ୍ବାଇ ଯାଇଥିଲେ । ସେଠାରେ ସେକ୍ଟର ୨୪ରେ ସେମାନେ ଏକ ଘର କାମରେ ନିୟୋଜିତ ଥିଲେ । ଗତ ୧୮ ତାରିଖ ରାତିରେ ସ୍ତ୍ରୀ ଝରନି ପରାଭୂଏଙ୍କ ସହ ସେ ଫୋନରେ କଥା ହୋଇଥିବା ବେଳେ ୧୯ ତାରିଖ ସକାଳେ ତାଙ୍କର ମୃତ୍ୟୁ ହୋଇଥିବା କେହି ଜଣେ ଫୋନ କରି ଜଣାଇଥିଲେ । ହେଲେ କିଭଳି ମୃତ୍ୟୁ ହେଲା ସେ ନେଇ ପରେ ଉକ୍ତ ନମ୍ବରକୁ ଫୋନ କରିଥିଲେ ମଧ୍ୟ ସେ ନ ଉଠାଇବାରୁ ପରିବାର ଲୋକେ ଦ୍ୱନ୍ଦ୍ୱରେ ଅଛନ୍ତି । ଯଦି ତାଙ୍କର ମୃତ୍ୟୁ ଘଟିଛି ତାହେଲେ ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ଜିଲ୍ଲା ଶ୍ରମ ଅଧିକାରୀ ଓ ଖଡ଼ିଆଳ ପୋଲିସକୁ ଲିଖିତ ଅଭିଯୋଗ କରିଛନ୍ତି ପତ୍ନୀ ଝରନି । ସ୍ୱାମୀ ପ୍ରକୃତରେ ବଂଚିଛନ୍ତି କି ତାଙ୍କର ମୃତ୍ୟୁ ହୋଇଛି ସେନେଇ ପୋଲିସ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ରହସ୍ୟ ଉନ୍ମୋଚନ କରିବାକୁ ପରିବାର ଲୋକେ ଦାବି କରିଛନ୍ତି । ଘରେ ପତ୍ନୀ ସହ ଦୁଇ ପୁଅ ରହିଥିବାରୁ ପ୍ରଶାସନ ଏନେଇ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ମାଲ୍ୟବନ୍ତ ମହୋତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ : ୩୫ ଲିଟର ମଦ ଜବତ, ଜଣେ ଗିରଫ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ସାଂସ୍କୃତିକ ଗଣପର୍ବ 'ମାଲ୍ୟବନ୍ତ ମହୋତ୍ସବ' ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ମହୋତ୍ସବର ତୃତୀୟ ଦିନରେ ମଦ ବିକ୍ରି ଓ ଚାଲାଣ ବିରୋଧରେ ଲଗାତାର ଅଭିଯାନ ଚାଲିଛି । ଗତକାଲି ରାତିରେ ଏମଭି-୭୯ ଥାନା ଅଂଚଳରେ ପୋଲିସ ଚେକିଂ ସମୟରେ ପ୍ରାୟ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ତାଣ୍ଡବାଇ ଗାଁର ଏରା ସୋଡି ନାମକ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଏ ସଂକ୍ରାନ୍ତରେ କେସ୍ ନମ୍ବର ୨୧/୨୦୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଏମଭି ୭୯ ଥାନାର ଏସଆଇ ଶ୍ରୀଚନ୍ଦନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତାଣ୍ଡବାଇ ଅଂଚଳରେ ଅବୈଧ ମଦ ବିକ୍ରି ସମ୍ବନ୍ଧୀୟ ଗୁପ୍ତ ସୂଚନା ପାଇ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ଠାରୁ ୩୫ ଲିଟର ମଦ ଜବତ କରାଯାଇଥିଲା । ଏହା ପୂର୍ବରୁ କାଲିମେଳା ଥାନା ଅଂଚଳରେ ମଧ୍ୟ ମଦ ଚୋରାଚାଲାଣ ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଦୁଇ ଥାନା ଅଂଚଳରେ ଲଗାତାର ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ ମହୋତ୍ସବ ସମୟରେ ମଦ ବ୍ୟବସାୟ ଉପରେ ପ୍ରଶାସନର କଡ଼ା ନଜରକୁ ସ୍ପଷ୍ଟ କରୁଛି । ମହୋତ୍ସବକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଏହାସହ ଜିଲ୍ଲା ସୀମା ବାହାରୁ ମଦ ପ୍ରବେଶ, ସଂଗ୍ରହ ଓ ସରବରାହ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରାଯାଇଛି । ସୂଚନାଯୋଗ୍ୟ ଯେ, ମଦ ବନ୍ଦ ହେବାର ସୂଚନା ପୂର୍ବରୁ ମିଳିଥିବାରୁ କିଛି ଗ୍ରାମାଚଂଳର ମଦ ବ୍ୟବସାୟୀ ଆଗରୁ ଅଧିକ ପରିମାଣରେ ମଦ କିଣି ମହଜୁଦ ରଖିଥିବା ସୂଚନା ମିଳିଛି । ବର୍ତ୍ତମାନ ସେହି ମଦକୁ ଅଧିକ ଦରରେ ଗୁପ୍ତ ଭାବେ ବିକ୍ରି କରାଯାଉଥିବା ଅଭିଯୋଗ ଉଠିଛି । ଏନେଇ ପୋଲିସ ଆହୁରି କଡ଼ା ଯାଂଚ୍ କରି ଏପରି ଅବୈଧ କାରବାରକୁ ବନ୍ଦ କରିବାର ଆବଶ୍ୟକତା ରହିଛି । ସୂତ୍ରରୁ ପ୍ରକାଶ ଯେ, ମାଲ୍ୟବନ୍ତ ମହୋତ୍ସବ ଫେବୃଆରୀ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଡିଏନକେ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଛି । ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାର ଓ ଦର୍ଶକଙ୍କ ଭିଡ଼ ଜମୁଥିବାରୁ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି । ଗତ ବର୍ଷ ମହୋତ୍ସବ ସମୟରେ ସୃଷ୍ଟି ହୋଇଥିବା ଅଶାନ୍ତିଜନକ ପରିସ୍ଥିତି, ବିଶେଷକରି ଏମଭି-୨୬ ଗ୍ରାମର ହିଂସାତ୍ମକ ଘଟଣା ପରେ ପ୍ରଶାସନ ଏଥର ଅଧିକ ସତର୍କତା ଅବଲମ୍ବନ କରିଛି । ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ମହୋତ୍ସବ ସମୟରେ ମଦ ବିକ୍ରି, ସରବରାହ, ସେବନ କିମ୍ବା ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କଠୋର ପଦକ୍ଷେପ ନିଆଯିବ । ଆବଶ୍ୟକ ହେଲେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଲାଗୁ କରାଯିବାକୁ ମଧ୍ୟ ଚେତାବନୀ ଦିଆଯାଇଛି ।

# ପ୍ରଶାସନିକ ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ ।

ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ପଂଚାୟତ ଅଂଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ରାଜସ୍ୱ, ଆବାସ, ପାନୀୟ ଜଳ, ରାସ୍ତା, ବୃଦ୍ଧାଭତା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ଶିବିରରେ ମୋଟ ୧୭୬ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି । ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୪୯ଟି, ସାମୁହିକ ଅଭିଯୋଗ ୨୭ଟି, ରେଡ଼କ୍ରସ ସହାୟତା ପାଇଁ ୧୪ଟି ଆବେଦନ ଗ୍ରହଣ କରାଯାଇଛି । ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଫେବୃଆରୀ ମାସର ପରବର୍ତୀ ଶୁଣାଣୀଗୁଡ଼ିକ ବିଭିନ୍ନ ପଂଚାୟତ ସମିତି କାର୍ଯ୍ୟାଳୟରେ ନିମ୍ନମତେ ଅନୁଷ୍ଠିତ ହେବ । ୦୯।୦୨।୨୦୨୬(ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ଘଷିପୁରା ୧୬।୦୨।୨୦୨୬ (ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ ଚମ୍ପୁଆ ୨୩।୦୨।୨୦୨୬(ସୋମବାର) ପଂଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର । ଅଂଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି ।

# ଡିଜେ ଓ ବାଣ ଶବ୍ଦରେ କମ୍ପୁଛି ଗଞ୍ଜାମ ଜିଲ୍ଲା

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ବର୍ତମାନ ଗଞ୍ଜାମ ଜିଲ୍ଲାରେ ବାହାଘର ଓ ବ୍ରତଘର ସିଜନ ଚାଲିଛି । ଏଥିପାଇଁ ନିୟୋଜିତ ଡିଜେ ର ଉଚ୍ଚ ବିକଟାଳ ଶବ୍ଦ ଓ ବାଣ ଶବ୍ଦରେ ସହର ଠାରୁ ଆରମ୍ଭ କରି ଗାଁ ଗହଳି ଯାଏ କମ୍ପି ଉଠୁଛି । ଏଥିରେ ଜନସାଧାରଣ ଅତିଷ୍ଠ ହୋଇପଡୁଥିଲେ ମଧ୍ୟ ନିରୁପାୟ । ଏହାକୁ ରୋକିବା ଶକ୍ତି ପାଉନାହାନ୍ତି । ସହରାଚଂଳରେ ପୁଲିସ ଏହାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରୁଥିଲେ ମଧ୍ୟ ଗାଁ ଗହଳିରେ ଡିଜେ ବାଲାଙ୍କ ଉତ୍ପାତ ଅଧିକରୁ ଅଧିକ ବୃଦ୍ଧି ପାଉଛି । ଫଳରେ ଶିଶୁ, ବୃଦ୍ଧ ଏବଂ ରୋଗୀମାନେ ଏହି ଶବ୍ଦ ପ୍ରଦୂଷଣରେ ଅସୁସ୍ଥ ହୋଇ ପଡୁଛନ୍ତି । କିଛି ବ୍ୟକ୍ତି ମୃତ୍ୟୁ ମୁଖରେ ପଡୁଥିବାର ନଜିର ମଧ୍ୟ ରହିଛି । ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ଗ୍ରାମାଚଂଳରେ ଏଥିପାଇଁ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଆରବ ସାଗରରେ ଇରାନ-ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି -ବିଶ୍ୱପାଇଁ ସତର୍କ ଘଣ୍ଟି

ଆରବ ସାଗରରେ ଇରାନ-ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ମଙ୍ଗଳବାର ଅନ୍ତର୍ଜାତୀୟ ଜଳସୀମାରେ ଆମେରିକା ନୌସେନା ଇରାନର ସଶସ୍ତ୍ର ବାହିନୀର ଏକ ଡ୍ରୋନକୁ ମାରି ଖସାଇଥିବା ଜଣାପଡ଼ିଛି । ଫାର୍ସ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ, ଡ୍ରୋନ୍ ଇରାନ ସଂଲଗ୍ନ ଅଞ୍ଚଳରେ ସାମରିକ ଗତିବିଧିକୁ ସଫଳତାପୂର୍ବକ ତଦାରଖ କରିଥିଲା ଏବଂ ଠିକ୍ ସମୟରେ ତଥ୍ୟ ପଠାଇଥିଲା । ଜିନହୁଆ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ, ଏହି ଅଞ୍ଚଳର ସାମଗ୍ରିକ ତଦାରଖ ପାଇଁ ଏପରି ମିଶନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯାଇଛି । ଇରାନର ଅର୍ଦ୍ଧ-ସରକାରୀ ତସନିମ୍ ନ୍ୟୁଜ୍ ଏଜେନ୍ସିର କହିବାନୁସାରେ, ଇରାନର ଏକ ଡ୍ରୋନ୍ ସହିତ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି, ଯାହାର କାରଣ ତଦନ୍ତାଧୀନ ଏବଂ ଏହା ନିର୍ଣ୍ଣୟ ହେବା ପରେ ଘୋଷଣା କରାଯିବ । ଆମେରିକାର କେନ୍ଦ୍ରୀୟ କମାଣ୍ଡ ପୂର୍ବରୁ ଦିନକ ପୂର୍ବରୁ କହିଥିଲା ଯେ, ଏକ ଆମେରିକୀୟ F-୩୫C ଯୁଦ୍ଧ ବିମାନକୁ ଆରବ ସାଗରରେ ଏକ ଇରାନୀ ସାହିଦ୍-୧୩୯ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିଲା । କମାଣ୍ଡ କହିଛି ଯେ, ଇରାନ ଉପକୂଳରୁ ପ୍ରାୟ ୮୦୦ କିଲୋମିଟର ଦୂରରେ ଅନ୍ତର୍ଜାତୀୟ ଜଳସୀମାରେ ପରିବହନ କରୁଥିବା ସମୟରେ ଡ୍ରୋନଟି USS ଆବ୍ରାହମ ଲିଙ୍କନ ଆଡ଼କୁ ଗୁଳି ଚାଳନା କରିଥିଲା । ଆମେରିକାର ବିବୃତ୍ତି ଅନୁଯାୟୀ, ଆତ୍ମରକ୍ଷା ପାଇଁ ଡ୍ରୋନଟିକୁ ଗୁଳି କରି ଖସାଇ ଦିଆଯାଇଥିଲା । ଏହି ଏନକାଉଣ୍ଟରରେ କୌଣସି ଆମେରିକୀୟ ସୈନ୍ୟ ଆହତ ହୋଇ ନାହାଁନ୍ତି ଏବଂ କୌଣସି ଉପକରଣ କ୍ଷତିଗ୍ରସ୍ତ ହୋଇନଥିବା ସେନା କହିଛି । ଏହି ଅଞ୍ଚଳରେ ଆମେରିକୀୟ ସୈନ୍ୟବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ଗଠନ ମଧ୍ୟରେ ଇରାନ-ଆମେରିକା ମଧ୍ୟରେ ଏହି ମୁକାବିଲା ହୋଇଛି। ଆମେରିକା ରାଷ୍ଟ୍ରପତି ତେହେରାନକୁ ଚେତାବନୀ ଜାରି ରଖିବାରୁ ଟ୍ରମ୍ପ ପ୍ରଶାସନ ଜାନୁଆରୀ ଶେଷ ଭାଗରେ ମଧ୍ୟପ୍ରାଚ୍ୟରେ ଏକ ବିମାନ ବାହକ ଷ୍ଟ୍ରାଇକ୍ ଗ୍ରୁପ୍ ଏବଂ ଅନେକ ଯୁଦ୍ଧଜାହାଜ ମୁତୟନ କରିଥିଲା । ତେବେ ଏହି ଆକ୍ରମଣ ପରେ ଇରାନ ସରକାରଙ୍କ ପକ୍ଷରୁ ତୁରନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ । ଇରାନର ଅର୍ଦ୍ଧ-ସରକାରୀ ସମ୍ବାଦ ସଂସ୍ଥା, ତସନିମ କହିଛି ଯେ, ଅନ୍ତର୍ଜାତୀୟ ଜଳସୀମାରେ ଏକ ଡ୍ରୋନ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଏଜେନ୍ସି କହିଛି ଯେ, ଡ୍ରୋନଟି ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ (IRGC)କୁ ତଥ୍ୟ ପଠାଇଥିଲା ଏବଂ ଯୋଗାଯୋଗ ବିଚ୍ଛିନ୍ନ ହେବାର କାରଣ ତଦନ୍ତ କରାଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କିଛିଟା ହ୍ରାସ ପାଉଛି ଏବଂ ଦୁଇ ଦେଶ ମଧ୍ୟରେ ପରମାଣୁ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି । ଠିକ୍ ଏହି ସମୟରେ ଏହି ଡ୍ରୋନ୍ ଆକ୍ରମଣ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ସପ୍ତାହ ମଧ୍ୟରେ ଇରାନ ଉପରେ ଚାପ ବୃଦ୍ଧି କରିଛନ୍ତି, ଅନ୍ୟପଟେ ତେହେରାନ ମଧ୍ୟ ଆଲୋଚନା ପାଇଁ ଇଙ୍ଗିତ ଦେଇଛି । ଇରାନ ରାଷ୍ଟ୍ରପତି ମାସୁଦ ପେଶେକିଆନ କହିଛନ୍ତି ଯେ, ଯଦି ଏକ ଅନୁକୂଳ ପରିବେଶ ସୃଷ୍ଟି ହୁଏ, ତେବେ ସେ ତାଙ୍କ ବୈଦେଶିକ ମନ୍ତ୍ରୀଙ୍କୁ ନିରପେକ୍ଷ ଏବଂ ସମ୍ମାନଜନକ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଇଚ୍ଛାଶକ୍ତି ଓ ଦିବ୍ୟ କୃପା ଦ୍ୱାରା ସବୁକିଛି ସମ୍ଭବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପ୍ରତ୍ୟେକ ବ୍ୟକ୍ତି ନିଜର ଲକ୍ଷ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ କରନ୍ତି, କିନ୍ତୁ ଫଳାଫଳ ସମୟ ଏବଂ ଭାଗ୍ୟ ଉପରେ ନିର୍ଭର କରେ। ଶୁଭ ସମୟରେ କରାଯାଇଥିବା କାର୍ଯ୍ୟ ସଫଳ ହୁଏ, ଯେତେବେଳେ ଅଶୁଭ ସମୟରେ ସତର୍କତା ଆବଶ୍ୟକ। ଜ୍ୟୋତିଷ ଶାସ୍ତ୍ର, ସଠିକ୍ ସମୟର ଜ୍ଞାନ ପ୍ରଦାନ କରି, ସମ୍ଭାବ୍ୟ ବିପଦ ବିଷୟରେ ସତର୍କ କରାଏ ଏବଂ ସଫଳତାର ପଥରେ ମାର୍ଗଦର୍ଶନ କରେ। ବିଶ୍ୱରେ ପ୍ରତ୍ୟେକ ବ୍ୟକ୍ତି ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ନିରନ୍ତର କଠିନ ପରିଶ୍ରମ କରୁଛନ୍ତି। ତଥାପି, କିଛି ଲୋକ ସେମାନଙ୍କ କାର୍ଯ୍ୟର ପୂର୍ଣ୍ଣ ଫଳ ପାଆନ୍ତି, ଅନ୍ୟମାନେ ଅପମାନ ଏବଂ ଅନ୍ୟାନ୍ୟ ପରିଣାମର ସମ୍ମୁଖୀନ ହୁଅନ୍ତି। ଭଲ କିମ୍ବା ଖରାପ ସମୟ ଏବଂ ଭାଗ୍ୟ ପ୍ରାୟତଃ ସେମାନଙ୍କ କାର୍ଯ୍ୟର ଫଳାଫଳରେ ଭୂମିକା ଗ୍ରହଣ କରେ, ଯଦିଓ ଆମେ ଏହାକୁ ସ୍ୱୀକାର କରୁନାହୁଁ। ଶୁଭ ସମୟରେ କରାଯାଇଥିବା କାର୍ଯ୍ୟ ଲାଭଦାୟକ, ତେଣୁ ଅଶୁଭ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଉଦାହରଣ ସ୍ୱରୂପ, ଏକ ମୂଷା ଥିଲା ଯାହାର ଭାଗ୍ୟ ଖରାପ ଥିଲା, ଏବଂ ଏକ ସାପ ଯାହାର ଗ୍ରହ ସ୍ଥିତି ଭଲ ଥିଲା। ଥରେ ଜଣେ ସାଧୁ ମନ୍ତ୍ରଙ୍କ ସାପଟିକୁ ଧରି ଏକ ଅନ୍ଧାର କୋଠରୀରେ ଏକ ଟୋକେଇ ଭିତରେ ବନ୍ଦ କରିଦେଲେ। ମୂଷାଟି ଦୁର୍ଭାଗ୍ୟର ସମ୍ମୁଖୀନ ହେଉଥିଲା। ବହୁତ ଚେଷ୍ଟା କରି, ସେ ଅନ୍ଧାର କୋଠରୀ ଭିତରେ ରଖାଯାଇଥିବା ବାଉଁଶ ଟୋକେଇରେ ଏକ ଗାତ ସୃଷ୍ଟି କଲା। ସେହି ଗାତ ଦେଇ ଟୋକେଇ ଭିତରକୁ ପ୍ରବେଶ କରିବା ମାତ୍ରେ, ପରିଶ୍ରମୀ ମୂଷାଟି ଟୋକେଇରେ ପୂର୍ବରୁ ଥିବା ସାପ ପାଇଁ ଖାଦ୍ୟ ହୋଇଗଲା। କାରଣ ସାପର ଗ୍ରହ ସ୍ଥିତି ଭଲ ଥିଲା, ସାପ କୌଣସି ପ୍ରୟାସ ବିନା ମୂଷା ପରି ସ୍ୱାଦିଷ୍ଟ ଖାଦ୍ୟ ପାଇଲା, ଏବଂ ମୂଷା କାମୁଡ଼ା ମଧ୍ୟ ଟୋକେଇରୁ ଖସିଯିବାର ଏକ ଉପାୟ ଯୋଗାଇଲା। ତେଣୁ, ପୁରୁଣା ବ୍ୟକ୍ତିମାନେ ଖରାପ ସମୟରେ ଯେକୌଣସି କାର୍ଯ୍ୟ କରିବାକୁ ଏବଂ ସତର୍କତାର ସହିତ ନିଷ୍ପତ୍ତି ନେବାକୁ ପରାମର୍ଶ ଦିଅନ୍ତି।

ଜୀବନରେ ସମସ୍ୟାରୁ ସୁରକ୍ଷା ଏବଂ ସଫଳତା ପାଇଁ ଜ୍ଞାନ ଏବଂ ମାର୍ଗଦର୍ଶନକୁ ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ। ଜ୍ୟୋତିଷ ଶାସ୍ତ୍ର, ଅନାଦି କାଳରୁ, ସମ୍ଭାବ୍ୟ ବିପଦ ବିଷୟରେ ଲୋକଙ୍କୁ ସତର୍କ କରିଆସିଛି ଏବଂ ଭବିଷ୍ୟତର ସମ୍ଭାବନା ବିଷୟରେ ସଚେତନ କରିଛି। ଜ୍ୟୋତିଷ ଶାସ୍ତ୍ର ଆମକୁ କହିଥାଏ ଯେ ଜଣେ ବ୍ୟକ୍ତିଙ୍କ ସମୟ କେତେବେଳେ ଭଲ ଏବଂ କେତେବେଳେ ଖରାପ। ସଠିକ୍ ସମୟ ଜାଣିବା ଦ୍ୱାରା ବ୍ୟକ୍ତି ନିଜର କଠିନ ପରିଶ୍ରମକୁ ପୂର୍ଣ୍ଣ ଭାବରେ ବ୍ୟବହାର କରିପାରିବେ। ଖରାପ ସମୟରେ କରାଯାଇଥିବା କଠିନ ପରିଶ୍ରମ ପ୍ରାୟତଃ ନକାରାତ୍ମକ କିମ୍ବା ବିଳମ୍ବରେ ଫଳାଫଳ ଆଣିଥାଏ, ଯାହା ବ୍ୟକ୍ତିଙ୍କୁ ହତାଶ କରିଥାଏ। ଧାର୍ମିକ ଶାସ୍ତ୍ର ଏବଂ ନୀତିଶାସ୍ତ୍ର ଅନୁସାରେ, ପ୍ରାର୍ଥନା ଏବଂ ଧୈର୍ଯ୍ୟ ସଠିକ ଦିଗରେ କଠିନ ପରିଶ୍ରମ ସହିତ ମିଶି ଜଣେ ବ୍ୟକ୍ତି ମଧ୍ୟରେ ସକାରାତ୍ମକ ଶକ୍ତି ସୃଷ୍ଟି କରନ୍ତି, ଏବଂ ଏହି ସକାରାତ୍ମକ ଶକ୍ତି କାର୍ଯ୍ୟର ସଫଳତାରେ ସହାୟକ ହୁଏ। ଜୀବନରେ ଅପାର ସଫଳତା ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହି ତିନୋଟି ନୀତିକୁ ନିଜ କାର୍ଯ୍ୟରେ ସାମିଲ କରିବାକୁ ପଡିବ: କଠିନ ପରିଶ୍ରମ, ପ୍ରାର୍ଥନା ଏବଂ ଧୈର୍ଯ୍ୟ। ପ୍ରାଚୀନମାନେ କୁହନ୍ତି ଯେ ଯେତେବେଳେ ଜଣେ ଲକ୍ଷ୍ୟ ହାସଲ କରିବାକୁ ଯାଏ, ସେତେବେଳେ ତାହା ହାସଲ କରିବା ପାଇଁ ବୈଷୟିକ ଜ୍ଞାନ ରହିବା ଆବଶ୍ୟକ। କଠିନ ପରିଶ୍ରମରେ ସକ୍ରିୟତା, ପ୍ରାର୍ଥନାରେ ସମର୍ପଣ ଏବଂ ଅପେକ୍ଷାରେ ଧୈର୍ଯ୍ୟ ଅତ୍ୟନ୍ତ ଜରୁରୀ। ଏହି ତିନୋଟିକୁ ମିଶ୍ରଣ କରି, ସମସ୍ତେ କର୍ମଯୋଗୀ ହୋଇ ସଫଳତା ହାସଲ କରିପାରିବେ।

ସକାରାତ୍ମକ ଚିନ୍ତାଧାରା ସହିତ ସଠିକ ଦିଗରେ ସଚ୍ଚୋଟ ଭାବରେ କାର୍ଯ୍ୟ କରିଲେ, ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ସହିତ ପ୍ରାର୍ଥନା କରିଲେ ଏବଂ ଈଶ୍ୱରଙ୍କଠାରେ ଭରସା ସହିତ ଅପେକ୍ଷା କରିଲେ, ସଫଳତା ନିଶ୍ଚିତ ଭାବରେ ଆମ୍ଭମାନଙ୍କର ହେବ ଓ ଭାଗ୍ୟ ନିଶ୍ଚିତ ଭାବରେ ଶୁଭଫଳ ପ୍ରଦାନ କରିବ। ଯଦି ଜୀବନରେ ଏହି ଜିନିଷଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଏ, ତେବେ କିଛି ଅସମ୍ଭବ ନୁହେଁ। ସଫଳତା ହାସଲ କରିବା ପାଇଁ, ପ୍ରତ୍ୟେକ ବ୍ୟକ୍ତିର ଦୃଢ଼ ବିଶ୍ୱାସ ରହିବା ଉଚିତ ଯେ ସେମାନେ ନିଜ ପ୍ରୟାସ ଏବଂ ଈଶ୍ୱରଙ୍କ କୃପା ଦ୍ୱାରା ସଫଳତା ପଥରେ ଆସୁଥିବା ପ୍ରତ୍ୟେକ ପ୍ରତିବନ୍ଧକକୁ ଦୂର କରିବା ଉଚିତ୍। ଏହା କରି ପାରିଲେ ନିଶ୍ଚିତ ଭାବରେ ସମସ୍ତେ ନିଜ ନିଜର ନିଜ ଲକ୍ଷ୍ୟରେ ପହଞ୍ଚି ପାରିବେ ।

# କେନ୍ଦ୍ର ବଜେଟ୍ ୨୦୨୬-୨୭ : ଅଭିବୃଦ୍ଧି ଏବଂ ବିକାଶର ଏକ ନୂତନ ଯୁଗ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

୧ ଫେବୃଆରୀ, ୨୦୨୬ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬-୨୭ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ। 'ଯୁବ ଶକ୍ତି' ବଜେଟ୍ ଭାବରେ ଚିହ୍ନିତ, ଏହା ୨୦୪୭ ସୁଦ୍ଧା ବିକାଶ ଭାରତ (ବିକଶିତ ଭାରତ) ପାଇଁ ଏକ ଦୃଢ଼ ରୋଡମ୍ୟାପ୍ ଭାବରେ କାର୍ଯ୍ୟ କରେ, ଯାହା କଠୋର ଆର୍ଥିକ ଶୃଙ୍ଖଳା ସହିତ ଆକ୍ରମଣାତ୍ମକ ଭିତ୍ତିଭୂମି ଖର୍ଚ୍ଚକୁ ସନ୍ତୁଳିତ କରିଥାଏ। ଅର୍ଥନୀତି, ଶିଳ୍ପ ଏବଂ ସାଧାରଣ ଲୋକଙ୍କ ଉପରେ ବଜେଟ୍‌ର ପ୍ରଭାବର ଏକ ବ୍ୟାପକ ବିଶ୍ଳେଷଣ ନିମ୍ନଲିଖିତ।

୧. ଆର୍ଥିକ ସ୍କୋରକାର୍ଡ : ମହତ୍ୱାକାଂକ୍ଷା ମଧ୍ୟରେ ବିଚକ୍ଷଣତା

ସରକାର ଆର୍ଥିକ ଏକୀକରଣର ପଥକୁ ସ୍ଥଗିତ ରଖିଛନ୍ତି, ଯାହା ଆର୍ଥିକ ବର୍ଷ ୨୭ପାଇଁ ଆର୍ଥିକ ନିଅଣ୍ଟକୁ ଜିଡିପିର ୪.୩% କୁ ହ୍ରାସ କରିବା ଲକ୍ଷ୍ୟ ରଖିଛି, ଯାହା ପୂର୍ବ ବର୍ଷରେ ୪.୪% ସଂଶୋଧିତ ଆକଳନରୁ କମ୍।

ମୋଟ ଖର୍ଚ୍ଚ : ୫୩.୪୭ ଲକ୍ଷ କୋଟି, ୭.୭% ବୃଦ୍ଧି।

ପୁଞ୍ଜି ବ୍ୟୟ (କ୍ୟାପେକ୍ସ) : ସରକାରୀ ନିବେଶକୁ ବ୍ୟବହାର କରି ଘରୋଇ ପୁଞ୍ଜିକୁ 'ଭିଡ' କରିବା ପାଇଁ ସରକାରଙ୍କ ରଣନୀତିକୁ ଜାରି ରଖି ଐତିହାସିକ ୧୨.୨ ଲକ୍ଷ କୋଟି ଟଙ୍କା (୯% ବୃଦ୍ଧି) ପାଇଛି।

ଋଣ ନେବା : ମୋଟ ବଜାର ଋଣ ନେତା ୧୭.୨ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି।

ନାମମାତ୍ର ଜିଡିପି ଅଭିବୃଦ୍ଧି : ଆଗାମୀ ବର୍ଷ ପାଇଁ ୧୦% ଆକଳନ କରାଯାଇଛି।

୨. ପ୍ରତ୍ୟକ୍ଷ ଟିକସ : ନୂତନ ଆୟକର ଆଇନ, ୨୦୨୫

ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୈଧାନିକ ପରିବର୍ତ୍ତନ ହେଉଛି ନୂତନ ଆୟକର ଆଇନ, ୨୦୨୫ର ପ୍ରଚଳନ, ଯାହା ୧୯୬୧ କୋଡକୁ ବଦଳାଇଥାଏ। ନୂତନ ଟିକସ ବ୍ୟବସ୍ଥା (ଡିଫଲ ବିକଳ୍ପ) ଅଧୀନରେ ଆୟକର ସ୍ଲାବ୍ ଅପରିବର୍ତ୍ତିତ ରହିଥିବାବେଳେ, ଅନେକ ସହଜ ଜୀବନଯାପନ ସଂସ୍କାର ପ୍ରଚଳନ କରାଯାଇଥିଲା।

ପ୍ରମୁଖ ବ୍ୟକ୍ତିଗତ ଆର୍ଥିକ ମୁଖ୍ୟାଂଶ :

ଧାରା ୮୦D ଏବଂ ମାନ ହ୍ରାସ : ନିର୍ଦ୍ଦିଷ୍ଟ ସ୍ଲାବ୍ ପରିବର୍ତ୍ତନ ଅନୁପସ୍ଥିତ ଥିଲେ ମଧ୍ୟ, ସରଳୀକୃତ ଅନୁପାଳନ ମାଧ୍ୟମରେ ନୂତନ ଶାସନକୁ ଅଧିକ ଆକର୍ଷଣୀୟ କରିବା ଉପରେ ବଜେଟ୍ ଧ୍ୟାନ ଦିଆଯାଇଥିଲା।

TCS ରିଲିଫ୍ : ଯାତ୍ରୀ ଏବଂ ଛାତ୍ରମାନଙ୍କ ପାଇଁ ଏକ ବଡ ସଫଳତା ସ୍ୱରୁପ, ବିଦେଶ ପର୍ଯ୍ୟଟନ ପ୍ୟାକେଜ୍ ଏବଂ LRS ରେମିଟେନ୍ସ (ଶିକ୍ଷା ଏବ ଚିକିତ୍ସା ପାଇଁ) ଉପରେ ଟ୍ୟାକ୍ସ କଲେକ୍ଟ୍ ଆଟ୍ ସୋର୍ସ (TCS) କୁ ୨% (୫%/ ୨୦% ରୁ ହ୍ରାସ) କୁ ହ୍ରାସ କରାଯାଇଛି। ପୁଞ୍ଜି ଲାଭ ଏବଂ ବାଇବ୍ୟାକ୍ : ସେୟାର ବାଇବ୍ୟାକ୍ ଉପରେ ଏବେ ସେୟାରଧାରୀଙ୍କ ହାତରେ କ୍ୟାପିଟାଲ ଲାଭ ଭାବରେ କର ଲାଗୁ ହେବ, ଯାହା କମ୍ପାନୀ ସ୍ତରରେ ପୂର୍ବ ବଣ୍ଟନ କରକୁ ସମାପ୍ତ କରିବ। STT ବୃଦ୍ଧି : ଅତ୍ୟଧିକ ଆକଳନକୁ ରୋକିବା ପାଇଁ, ଫ୍ୟୁଚର୍ସ ଉପରେ ସିକ୍ୟୁରିଟି ଟ୍ରାନ୍ସକ୍ସନ୍ ଟ୍ୟାକ୍ସ STT ୦.୦୫% ଏବଂ ବିକଳ୍ପ ଉପରେ ୦.୧୫% କୁ ବୃଦ୍ଧି କରାଯାଇଛି।

୩. 'ତିନ କର୍ତ୍ତବ୍ୟ' (କର୍ତ୍ତବ୍ୟ)

ଅର୍ଥମନ୍ତ୍ରୀ ତିନୋଟି ମୁଖ୍ୟ କର୍ତ୍ତବ୍ୟ ଉପରେ ବଜେଟ୍ ପ୍ରସ୍ତୁତ କରିଛନ୍ତି:

ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା : ଉତ୍ପାଦକତା ଏବଂ ବିଶ୍ୱ ପ୍ରତିଯୋଗିତା ଉପରେ ଧ୍ୟାନ।

ଆକାଂକ୍ଷା ପୂରଣ : ଯୁବ, ମହିଳା ଏବଂ କୃଷକଙ୍କ ପାଇଁ କ୍ଷମତା ନିର୍ମାଣ।

ସବକା ସାଥ, ସବକା ବିକାଶ : ଅବହେଳିତ ପାଇଁ ଅନ୍ତର୍ଭୁକ୍ତିମୂଳକ ବିକାଶ।

୪. ସ୍କେଲିଂ ମ୍ୟାନୁଫ୍ୟାକଚରିଂ : ୭ ରଣନୈତିକ କ୍ଷେତ୍ର

୨୦୨୬ ବଜେଟ୍ ସାଧାରଣ PLI ଯୋଜନାରୁ ଆଗକୁ ବଢି ଉଚ୍ଚ-ପ୍ରଯୁକ୍ତି ଏବଂ ସୀମାନ୍ତ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଅର୍ଦ୍ଧପରିବାହୀ (ISM ୨.୦) : ଉପକରଣ, ସାମଗ୍ରୀ ଏବଂ ଘରୋଇ IP ଡିଜାଇନ୍ ଉପରେ ଧ୍ୟାନ ଦେଇ ଏକ ନୂତନ ପ୍ରୋତ୍ସାହନ। ଇଲେକ୍ଟ୍ରୋନିକ୍ସ ମ୍ୟାନୁଫ୍ୟାକଚରିଂ ଯୋଜନା ବ୍ୟୟବରାଦ ୪୦,୦୦୦ କୋଟିକୁ ବୃଦ୍ଧି କରାଯାଇଥିଲା।

ବାୟୋଫାର୍ମା ଶକ୍ତି : ଭାରତକୁ ଏକ ବିଶ୍ୱ ବାୟୋଲୋଜିକ୍ସ ହବ୍ କରିବା ପାଇଁ ଏକ ନୂତନ ୧୦,୦୦୦ କୋଟି ଯୋଜନା। ଏଥିରେ ୧,୦୦୦ ସ୍ୱୀକୃତିପ୍ରାପ୍ତ କ୍ଲିନିକାଲ୍ ପରୀକ୍ଷଣ ସ୍ଥାନ ଏବଂ ତିନୋଟି ନୂତନ NIPER ଅନ୍ତର୍ଭୁକ୍ତ।

ବିରଳ ପୃଥିବୀ କରିଡର : ସବୁଜ ଶକ୍ତି ପାଇଁ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ପାଇଁ ଓଡିଶା, କେରଳ, ଆନ୍ଧ୍ରପଦେଶ ଏବଂ ତାମିଲନାଡୁରେ ଖଣି ଏବଂ ପ୍ରକ୍ରିୟାକରଣ ହବ୍ ପ୍ରତିଷ୍ଠା କରାଯିବ।

ରାସାୟନିକ ପାର୍କ : ଏକ 'ପ୍ଲଗ୍-ଏଣ୍ଡ-ପ୍ଲେ' କ୍ଲଷ୍ଟର ମଡେଲ୍ ମାଧ୍ୟମରେ ତିନୋଟି ସମର୍ପିତ ରାସାୟନିକ ପାର୍କ ପାଇଁ ସମର୍ଥନ।

ବୟନଶିଳ୍ପ : ବୟନଶିଳ୍ପ କ୍ଷେତ୍ର ପାଇଁ ସମନ୍ୱିତ କାର୍ଯ୍ୟକ୍ରମ ଜାତୀୟ ଫାଇବର ଯୋଜନା ଏବଂ ସମର୍ଥ ୨.୦ ସମେତ ପାଂଚଟି ଉପଯୋଜନା ପ୍ରଚଳନ କରେ।

୫. ଭିତ୍ତିଭୂମି : ବିକାଶ ସଂଯୋଗକାରୀ

୧୨.୨ ଲକ୍ଷ କୋଟି ଟଙ୍କାର କ୍ୟାପକ୍ସକୁ ପରିବର୍ତ୍ତନକାରୀ ସଂଯୋଗ ପ୍ରକଳ୍ପରେ ବିନିଯୋଗ କରାଯିବ।

ହାଇ-ସ୍ପିଡ ରେଳ : ମୁମ୍ବାଇ-ପୁଣେ, ଦିଲ୍ଲୀ-ବାରାଣାସୀ ଏବଂ ହାଇଦ୍ରାବାଦ-ବେଙ୍ଗାଲୁରୁ ସମେତ ସାତଟି ନୂତନ କରିଡର ଘୋଷଣା କରାଯାଇଥିଲା।

ଜଳପଥ : ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ। ଓଡିଶାରେ ଘଡ-୫ ପ୍ରଥମ ପ୍ରାଥମିକତା ହେବ।

ଲଜିଷ୍ଟିକ୍ସ : ଡାଙ୍କୁନି (ପଶ୍ଚିମବଙ୍ଗ) ରୁ ସୁରଟ (ଗୁଜରାଟ)କୁ ସଂଯୋଗ କରୁଥିବା ଏକ ନୂତନ ସମର୍ପିତ ମାଲ ପରିବହନ କରିଡର (ଡରଉ)।

ନଗର ଅର୍ଥନୈତିକ କ୍ଷେତ୍ର (ଉରଜ) : ସହରାଂଚଳ କେନ୍ଦ୍ରଗୁଡିକୁ ଆଂଚଳିକ ଅର୍ଥନୈତିକ ଶକ୍ତି କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରତି ଉରଜ ପାଇଁ ୫,୦୦୦ କୋଟି ଆବଟଂନ ସହିତ ସହର ପାଇଁ ଅଭିବୃଦ୍ଧି ବାହକମାନଙ୍କୁ ମ୍ୟାପିଂ।

୬. ସାମାଜିକ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା

କର୍କଟ ମୁକ୍ତି : ୧୭ଟି ଜୀବନ ରକ୍ଷାକାରୀ କର୍କଟ ଔଷଧ ପାଇଁ ମୌଳିକ କଷ୍ଟମ୍ସ ଡ୍ୟୁଟି (ଇଉଉ) ସମ୍ପୂର୍ଣ୍ଣ ଛାଡ କରାଯାଇଛି।

ବିରଳ ରୋଗ : ଖାଦ୍ୟ ଏବଂ ଔଷଧର ଶୁଳ୍କମୁକ୍ତ ବ୍ୟକ୍ତିଗତ ଆମଦାନୀ ଆହୁରି ୭ଟି ବିରଳ ରୋଗକୁ ବିସ୍ତାର କରାଯାଇଛି।

STEMରେ ମହିଳା : ଝିଅ ଛାତ୍ରୀମାନଙ୍କୁ ସମର୍ଥନ କରିବା ପାଇଁ, ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବାଳିକା ଛାତ୍ରାବାସ ପ୍ରତିଷ୍ଠା କରିବେ। ଯତ୍ନ ଇକୋସିଷ୍ଟମ : ବୟସ୍କ ଜନସଂଖ୍ୟାକୁ ସମର୍ଥନ କରିବା ପାଇଁ ୧.୫ ଲକ୍ଷ ବହୁକୁଶଳୀ ଯତ୍ନବାନକୁ ତାଲିମ।

ଆୟୁର୍ବେଦ : ପାରମ୍ପରିକ ଔଷଧକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ଅଖିଳ ଭାରତୀୟ ଆର୍ଯ୍ୟୁବେଦ ପ୍ରତିଷ୍ଠାନ କରାଯିବ।

୭. କୃଷି ଭାରତ – VISTAAR

ଗ୍ରାମୀଣ ଅର୍ଥନୀତି ପାଇଁ, ବଜେଟରେ କୃଷକମାନଙ୍କ ପାଇଁ ଏକ AI -ସମ୍ମିଶ୍ରିତ ପୋର୍ଟାଲ ଭାରତ- VISTAAR ପ୍ରଚଳନ କରାଯାଇଛି।

ଉଦ୍ୟାନ କୃଷି : ଭାରତୀୟ କାଜୁ, କୋକୋ ଏବଂ ଉଚ୍ଚ-ଘନତା ଅଖରୋଟ/ବାଦାମ ଚାଷ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ।

ନଡିଆ ପ୍ରୋତ୍ସାହନ ଯୋଜନା : ଦକ୍ଷିଣ ରାଜ୍ୟଗୁଡିକ ପାଇଁ ଉତ୍ପାଦକତା ଏବଂ ରପ୍ତାନି ପ୍ରତିଯୋଗିତାକୁ ବୃଦ୍ଧି କରିବା ଲକ୍ଷ୍ୟରେ।

ପଶୁପାଳନ : ଘରୋଇ ପଶୁଚିକିତ୍ସା ଏବଂ ପାରା-ଭେଟ୍ କଲେଜ ପାଇଁ ଋଣ-ସଂଯୁକ୍ତ ପୁଞ୍ଜି ସବସିଡି।

କ୍ଷେତ୍ର-ୱାରି ଆବଣ୍ଟନ (ବଡ ଖର୍ଚ୍ଚକାରୀ)

ମନ୍ତ୍ରଣାଳୟ ଆବଣ୍ଟନ (ଲକ୍ଷ କୋଟି) ଅଭିବୃଦ୍ଧି /ଧ୍ୟାନ ଅର୍ଥ ୧୯.୭୨ ସୁଧ ପରିଶୋଧ ଆର୍ଥିକ ବର୍ଷ ୨୬ପାଇଁ ୭.୪% ର ଆକଳନ କରାଯାଇଥିବା ପ୍ରକୃତ ଜିଡିପି ଅଭିବୃଦ୍ଧି ସହିତ ଏକ ସ୍ଥିର ଅର୍ଥନୀତିର ପୃଷ୍ଠଭୂମିରେ ଉପସ୍ଥାପିତ, ବଜେଟ୍ ପୁଞ୍ଜି ଖର୍ଚ୍ଚ ଏବଂ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନକୁ ଆକ୍ରମଣାତ୍ମକ ଭାବରେ ଚଳାଇବା ସହିତ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଉପରେ ଧ୍ୟାନ ଦିଏ। ଏହି ଲେଖା ୨୦୨୬-୨୭ କେନ୍ଦ୍ରୀୟ ବଜେଟର ଏକ ଗଭୀର ବିଶ୍ଳେଷଣ ପ୍ରଦାନ କରେ, ଯେଉଁଥିରେ କର, ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଏବଂ କମଳା ଅର୍ଥନୀତିରେ ରଣନୈତିକ ପରିବର୍ତ୍ତନର ବିସ୍ତୃତ ବିବରଣୀ ଦିଆଯାଇଛି।

୧. ମାକ୍ରୋଇକୋନୋମିକ୍ ଫ୍ରେମୱାର୍କ : ଆର୍ଥିକ ବିଚକ୍ଷଣତା ଅଭିବୃଦ୍ଧିକୁ ପୂରଣ କରେ ୨୦୨୬ ବଜେଟ ଆର୍ଥିକ ଏକୀକୃତତା ଏବଂ ନିବେଶ-ନେତୃତ୍ୱାଧୀନ ଅଭିବୃଦ୍ଧିର ସ୍ତମ୍ଭ ଉପରେ ନିର୍ମିତ। ଆର୍ଥିକ ନିଅଣ୍ଟ ଏବଂ ଋଣ ଲକ୍ଷ୍ୟ ସରକାର ଗତ ବର୍ଷର ସଂଶୋଧିତ ଆକଳନରେ ୪.୪%ରୁ ୨୦୨୬-୨୭ ପାଇଁ ଆର୍ଥିକ ନିଅଣ୍ଟକୁ ସଫଳତାର ସହିତ ସଙ୍କୁଚିତ କରିଛନ୍ତି। ଏହା ସାମଗ୍ରିକ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ୪.୫% କିମ୍ବା ତାଠାରୁ କମ୍ ବୃଦ୍ଧିର ଦୀର୍ଘକାଳୀନ ଲକ୍ଷ୍ୟ ସହିତ ସମନ୍ୱିତ। ମୋଟ ବ୍ୟୟ ୫୩.୪୭ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି, ଯାହା ଋଣ୨୬ ତୁଳନାରେ ୭.୭% ବୃଦ୍ଧି। ପୁଞ୍ଜି ବ୍ୟୟ (କୌଶଳ) ୧୧.୨ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ୯%କୁ ବୃଦ୍ଧି ଘରୋଇ ନିବେଶକୁ ଭିଡ କରିବା ପାଇଁ ଉଦ୍ଦିଷ୍ଟ। ଋଣ-ଜିଡିପି ଅନୁପାତ : ୫୫.୬% ଲକ୍ଷ୍ୟ କରାଯାଇଛି, ୨୦୩୧ ସୁଦ୍ଧା ୫୦% ପହଂଚିବା ପାଇଁ ପ୍ରତିଶ୍ରୁତିବଦ୍ଧତା ସହିତ। ରାଜସ୍ୱ ପ୍ରାପ୍ତି : ଟଙ୍କା ବିଭାଜନ ସରକାରଙ୍କ ତହବିଲରେ ଥିବା ପ୍ରତ୍ୟେକ ଟଙ୍କାର ପାଇଁ : ୬୪ ପଇସା ପ୍ରତ୍ୟକ୍ଷ ଏବଂ ପରୋକ୍ଷ କରରୁ ଆସେ। ୨୪ ପଇସା ଋଣ ଏବଂ ଦାୟିତ୍ୱରୁ ଆସେ। ଅଣ-କର ରାଜସ୍ୱ (ଲାଭାଂଶ ଏବଂ ବିନିଯୋଗ ସମେତ)ରୁ ୧୦ ପଇସା।

୨. ପ୍ରତ୍ୟକ୍ଷ କର : ନୂତନ ଆୟକର ଆଇନ, ୨୦୨୫ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାଂରଚନିକ ସଂସ୍କାର ମଧ୍ୟରୁ ଗୋଟିଏ ହେଉଛି ନୂତନ ଆକୟର ଆଇନ, ୨୦୨୫ର ପ୍ରଚଳନ, ଯାହା ୧ ଏପ୍ରିଲ, ୨୦୨୬ରୁ କାର୍ଯ୍ୟକାରୀ ହେଉଛି। ଏହି ଆଇନର ଲକ୍ଷ୍ୟ ହେଉଛି ପୁରୁଣା ୧୯୬୧ କୋଡକୁ ଏକ ସରଳୀକୃତ, ଡିଜିଟାଲ, ପ୍ରଥମ ଢାଞ୍ଚା ସହିତ ବଦଳାଇବା। ବ୍ୟକ୍ତିଗତ ଆୟକର (ନୂତନ ବ୍ୟବସ୍ଥା) ପୂର୍ବ ବର୍ଷର ପ୍ରମୁଖ ପରିବର୍ତ୍ତନରୁ ସ୍ଲାବଗୁଡିକ ଅପରିବର୍ତ୍ତିତ ରହିଥିବାବେଳେ, ନୂତନ ଟିକସ ବ୍ୟବସ୍ଥାକୁ ଡିଫଲ୍ଟ ଏବଂ ସବୁଠାରୁ ଆକର୍ଷଣୀୟ ବିକଳ୍ପ ଭାବରେ ଏକୀକୃତ କରିବା ଉପରେ ଧ୍ୟାନ ଦିଆଯାଇଛି। କରଯୋଗ୍ୟ ଆୟକର ହାର ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନୀଲ ୪ଲକ୍ଷ – ୮ ଲକ୍ଷ ୫% ୮ଲକ୍ଷ – ୧୨ଲକ୍ଷ ୧୦% ୧୨ ଲକ୍ଷ–୧୬ଲକ୍ଷ ୧୫% ୧୬ ଲକ୍ଷ – ୨୦ ଲକ୍ଷ ୨୦% ୨୦ଲକ୍ଷ –୨୪ ଲକ୍ଷ ୨୫% ୨୪ଲକ୍ଷ ଉପରେ ୩୦% ପ୍ରମୁଖ ରିହାତି : ଧାରା ୮୭A ରିହାତି : ନୂତନ ବ୍ୟବସ୍ଥାରେ ବ୍ୟକ୍ତିବିଶେଷଙ୍କ ପାଇଁ ୧୨ଲକ୍ଷ ପର୍ଯ୍ୟନ୍ତ ଆୟକୁ ପ୍ରଭାବଶାଳୀ ଭାବରେ କରମୁକ୍ତ କରିଥାଏ। ମାନକ ରିହାତି : ବଜାୟ ରଖାଯାଇଛି ବେତନଭୋଗ ବ୍ୟକ୍ତିମାନଙ୍କ ପାଇଁ ୭୫,୦୦୦ରେ ITCS ହ୍ରାସ : ବିଦେଶ ଟୁର୍ ପ୍ୟାକେଜଗୁଡିକ ଉପରେ ଉତ୍ସରୁ ସଂଗୃହିତ ଟିକସକୁ ଏକ ଫ୍ଲାଟ ୨% (୫% /୨୦% ରୁ ହ୍ରାସ)କୁ ହ୍ରାସ କରାଯାଇଛି, ଯାହା ଯାତ୍ରା ଶିଳ୍ପକୁ ଏକ ପ୍ରମୁଖ ପ୍ରୋତ୍ସାହନ ପ୍ରଦାନ କରୁଛି। କର୍ପୋରେଟ ଏବଂ ପୁଞ୍ଜି ଲାଭ ସଂସ୍କାର ସେୟାର ବାଇବ୍ୟାକ୍ : ବାଇବ୍ୟାକରୁ ସମୟ ଆୟ ଏବେ କମ୍ପାନୀ ସ୍ତରରେ ବଂଟନ କର ପରିବର୍ତ୍ତେ ସେୟାରଧାରୀଙ୍କ ହାତରେ ପୁଞ୍ଜି ଲାଭ ଭାବରେ କର ଲାଗୁ ହେବ। ଏହା ଖୁଚୁରା ଏବଂ ସଂସ୍ଥାଗତ ନିବେଶକମାନଙ୍କ ପାଇଁ ଖେଳ କ୍ଷେତ୍ରକୁ ସମାନ କରିଥାଏ। STT ବୃଦ୍ଧି : ଫ୍ୟୁଚର୍ସ ଉପରେ ସିକ୍ୟୁରିଟିଜ୍ ଟ୍ରାନ୍ସକ୍ସନ୍ ଟ୍ୟାକ୍ସ (STT) ୦.୦୫% ଏବଂ ବିକଳ୍ପଗୁଡିକ ଉପରେ ୦.୧୫% କୁ ବୃଦ୍ଧି ପାଇଛି। MAT ଯୁକ୍ତିଯୁକ୍ତକରଣ: ନୂତନ ବ୍ୟବସ୍ଥାରେ କମ୍ପାନୀଗୁଡିକ ପାଇଁ ସର୍ବନିମ୍ନ ବିକଳ୍ପ ଟିକସ (MAT) ୧୫% ରୁ ୧୪% କୁ ହ୍ରାସ କରାଯାଇଛି।

୩. ଉତ୍ପାଦନ ଏବଂ ଉଚ୍ଚ-ପ୍ରଯୁକ୍ତି ସୀମିତ ସୀମା ୨୦୨୬ ବଜେଟରେ ISM ୨.୦ (ଭାରତ ସେମିକଣ୍ଡକ୍ଟର ମିଶନ) ଏବଂ ବାୟୋଫାର୍ମା ଶକ୍ତି ପ୍ରୟାସ ପ୍ରଚଳନ କରାଯାଇଛି, ଯାହା ଉଚ୍ଚ-ମୂଲ୍ୟ ଉତ୍ପାଦନ ଆଡକୁ ଏକ ପରିବର୍ତ୍ତନର ସଙ୍କେତ ଦେଉଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ। ISM ୨.୦ : ୪୦,୦୦୦ କୋଟିର ବର୍ଦ୍ଧିତ ବ୍ୟୟ ସହିତ, ମିଶନ୍ ଏବେ ଶିଳ୍ପ-ନେତୃତ୍ୱାଧୀନ ଗବେଷଣା ଏବଂ ବିକାଶ, ପୂର୍ଣ୍ଣ-ଷ୍ଟାକ ଭାରତୀୟ ଓଚ ଡିଜାଇନ୍ ଏବଂ ସେମିକଣ୍ଡକ୍ଟର ଉତ୍ପାଦନ ଉପକରଣର ସ୍ଥାନୀୟ ଉତ୍ପାଦନ ଉପରେ ଧ୍ୟାନ ଦେଉଛି। ବିରଳ ପୃଥିବୀ କରିଡର : ସବୁଜ ଶକ୍ତି ପରିବର୍ତ୍ତନ ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଖଣି ଏବଂ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା, କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁରେ ସମର୍ପିତ କରିଡର ପ୍ରତିଷ୍ଠା କରାଯିବ। ବାୟୋଫାର୍ମା ଶକ୍ତି ଯୋଜନା ପାଞ୍ଚ ବର୍ଷ ମଧ୍ୟରେ ଏକ ପ୍ରମୁଖ ୧୦,୦୦୦ କୋଟି ଟଙ୍କା ବ୍ୟୟ ଭାରତକୁ ଜୈବିକ ଏବଂ ବାୟୋସିମିଲର୍ସ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର କରିବା ଲକ୍ଷ୍ୟ ରଖିଛି। କ୍ଲିନାକାଲ ପରୀକ୍ଷଣ : ୧୦୦୦ ସ୍ୱୀକୃତିପ୍ରାପ୍ତ କ୍ଲିନଏକାଲ ପରୀକ୍ଷଣ ସ୍ଥାନ ପ୍ରତିଷ୍ଠା କରାଯିବ। ସଂସ୍ଥାଗତ ସହାୟତା । ତିନୋଟି ନୂତନ NIPER (ଜାତୀୟ ଔଷଧ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ) ପ୍ରତିଷ୍ଠା କରାଯିବ।

୪. ଭିତ୍ତିଭୂମି : ବୃଦ୍ଧି ସଂଯୋଗକାରୀ ଭିତ୍ତିଭୂମି ବଜେଟର ମୂଳ ଆଧାର ଭାବରେ ରହିଛି, ଯେଉଁଥିରେ ଉଚ୍ଚ-ଗତ ସଂଯୋଗ ଏବଂ ସବୁଜ ଲଜିଷ୍ଟିକ୍ସ ଉପରେ ଧ୍ୟାନ ଦିଆଯାଇଛି। ରେଳପଥ ଏବଂ ଜଳପଥ ଉଚ୍ଚ-ଗତି ରେଳ : ମୁମ୍ବାଇ-ପୁଣେ, ଦିଲ୍ଲୀ- ବାରାଣାସୀ ଏବଂ ହାଇଦ୍ରାବାଦ-ବେଙ୍ଗାଲୁରୁ ସମେତ ସାତଟି ନୂତନ କରିଡରକୁ ବୃଦ୍ଧି ସଂଯୋଗକାରୀ ଭାବରେ ପ୍ରସ୍ତାବ ଦିଆଯାଇଛି। ସମର୍ପିତ ମାଲ ପରିବହନ କରିଡର (DFC) : ଡାଙ୍କୁନି (ପଶ୍ଚିମବଙ୍ଗ)ରୁ ସୁରଟ(ଗୁଜରାଟ) ସଂଯୋଗ କରୁଥିବା ଏକ ନୂତନ ପୂର୍ବ-ପଶ୍ଚିମ କରିଡର ବିକଶିତ କରାଯିବ। ଜାତୀୟ ଜଳପଥ : ଓଡିଶାରେ NW-୫ ରୁ ଆରମ୍ଭ କରି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୨୦ଟି ନୂତନ ଜଳପଥ କାର୍ଯ୍ୟକ୍ଷମ କରାଯିବ। ଶକ୍ତି ଏବଂ ରାସାୟନିକ ଉଦ୍ୟାନ : କ୍ଲଷ୍ଟର-ଆଧାରିତ ପ୍ଲଗ୍-ଏଣ୍ଡପ୍ଲେ ମଡେଲ ମାଧ୍ୟମରେ ତିନୋଟି ସମର୍ପିତ ରାସାୟନିକ ପାର୍କ ପ୍ରତିଷ୍ଠା କରିବାରେ ସରକାର ରାଜ୍ୟଗୁଡିକ ସମର୍ଥନ କରିବେ। ସବୁଜ ଶକ୍ତି : ଲିଥିୟମ-ଆୟନ ବ୍ୟାଟେରୀ ନିର୍ମାଣ ପାଇଁ ମୂଳଧନ ସାମଗ୍ରୀ ଉପରେ ମୌଳିକ କଷ୍ଟମ୍ସଡ୍ୟୁଟି (BCD) ଛାଡକୁ EV ଉତ୍ପାଦନ ଖର୍ଚ୍ଚ କମ କରିବା ପାଇଁ ବିସ୍ତାର କରାଯାଇଛି।

୫. ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ପ୍ରଗତି ପ୍ରଥମ ଥର ପାଇଁ, ସ୍ୱାସ୍ଥ୍ୟସେବା ବଜେଟ୍ ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରି ୧,୦୬,୫୩୦ କୋଟିରେ ପହଞ୍ଚିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭିତ୍ତିଭୂମି, ଉତ୍ପାଦନ ଏବଂ ଆର୍ଥିକ ଶୃଙ୍ଖଳା ଉପରେ ଧ୍ୟାନ ଦେଇ ଏକ ବାସ୍ତବବାଦୀ ବଜେଟ୍ ଉପସ୍ଥାପନ କରିଛନ୍ତି ନୂଆଦିଲ୍ଲୀ, ଫେବୃୟାରୀ ୧, ୨୦୨୬: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ବଜେଟ୍ ୨୦୨୬-୨୭ ଏକ ଐତିହାସିକ ବଜେଟ୍ ଯାହା ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଏକ ନୂତନ ଧାରା ସ୍ଥାପନ କରେ। ଭିତ୍ତିଭୂମି, ଉତ୍ପାଦନ ଏବଂ ଆର୍ଥିକ ଶୃଙ୍ଖଳା ଉପରେ ଧ୍ୟାନ ଦେଇ, ବଜେଟ୍ ଅର୍ଥନୈତିକ ଅଭିବୃଦ୍ଧିକୁ ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଦେଶର ପ୍ରତିଯୋଗିତାମୂଳକତାକୁ ଉନ୍ନତ କରିବା ଲକ୍ଷ୍ୟ ରଖିଛି।

# ଭାସ୍କରାଚାର୍ଯ୍ୟଙ୍କ ଲୀଳାବତୀ



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ଭାରତୀୟମାନେ ଯେତେବେଳେ ପଥର ଉଠାନ୍ତି, ସେତେବେଳେ ଭବ୍ୟ ମନ୍ଦିର ନିର୍ମାଣ କରନ୍ତି ନଚେତ୍ ଅଲଂଘ୍ୟ ସମୁଦ୍ର ଉପରେ ସେତୁବନ୍ଧ ବସାଇଥାନ୍ତି । ଯେତେବେଳେ ପ୍ରେମ କରନ୍ତି, ସେତେବେଳେ ଗୀତଗୋବିନ୍ଦ ଓ ଲୀଳାବତୀ ସୂତ୍ର ଭଳି ମହାନ ପରୋପକାର ଗ୍ରନ୍ଥମାନ ରଚନା କରନ୍ତି ଓ ଏହା ହେଉଛି ଭାରତୀୟ ସଂସ୍କୃତିର ବିଶେଷତ୍ୱ । ମହାରାଷ୍ଟ୍ର ଜନ୍ମିତ (ମସିହା ୧୧୧୪) ପ୍ରସିଦ୍ଧ ଜ୍ୟୋତିର୍ବିଦ୍ ଓ ଗଣିତଜ୍ଞ ହେଉଛନ୍ତି ଭାସ୍କରାଚାର୍ଯ୍ୟ । ଭାସ୍କରାଚାର୍ଯ୍ୟଙ୍କ କନ୍ୟା ହେଉଛନ୍ତି ଲୀଳାବତୀ । ଲୀଳାବତୀ ଯେପରି ବୁଦ୍ଧିମତୀ ଥିଲେ ଠିକ୍ ସେପରି ସୁନ୍ଦରୀ ମଧ୍ୟ ଥିଲେ । ଯେତେବେଳେ ତାଙ୍କର ବିବାହ ବୟସ ଉପସ୍ଥିତ ହେଲା,ପିତା ଭାସ୍କରାଚାର୍ଯ୍ୟ ଗଣନା କରି ଜାଣିପାରିଲେ ଯେ, ଲୀଳାବତୀ ବିବାହ ସିନା କରିବେ, ମାତ୍ର ଖୁବ୍ ଅଳ୍ପ ଦିନରେ ସେ ବିଧବା ହୋଇଯିବେ । ପୁନଶ୍ଚ ସେ ଗଣନା କରି ଜାଣିପାରିଲେ, ଯଦି ଠିକ୍ ଲଗ୍ନରେ ବିବାହ କାର୍ଯ୍ୟ ସମାପନ କରାଯାଏ, ତେବେ ବିଧବା ଦଶା କଟିଯାଇପାରେ । ସୁତରାଂ ସେ ଠିକ୍ ଲଗ୍ନରେ ବିବାହକାର୍ଯ୍ୟ ସମ୍ପନ୍ନ କରିବାକୁ ମନସ୍ଥ କଲେ । ସେତେବେଳେ ତ ଆଉ ଆଜିକାଲି ପରି ସମୟ ଜାଣିବା ପାଇଁ ଘଣ୍ଟା ନଥାଏ, ତେଣୁ ଠିକ୍ ସମୟ ଜାଣିବା ନିମନ୍ତେ ଗୋଟିଏ ମାଠିଆରେ କଣାଟିଏ କରି ଭାସ୍କରାଚାର୍ଯ୍ୟ ପାଣିପାତ୍ରରେ ତାହା ଭସାଇଦେଲେ । ସେହି କଣାବାଟେ ମାଠିଆ ଭିତରକୁ ପାଣି ଧୀରେ ଧୀରେ ପଶି ଯେତେବେଳେ ଭର୍ତ୍ତି ହୋଇଯିବ, ସେତେବେଳେ ଏହା ବିବାହର ଠିକ୍ ସମୟ ବୋଲି ଧରାଯିବ । ହେଲେ ବିଧିର ବିଧାନ ତ ବଡ ବିଚିତ୍ର । ସେଦିନ ଅଳଙ୍କାର ପିନ୍ଧି ଲୀଳାବତୀ କାହିଁକି ମାଠିଆ ଭିତରକୁ ଚାହିଁଦେଲେ । ଠିକ୍ ଏତିକିବେଳେ ତାଙ୍କ ମଥାମଣିରୁ ମୁକ୍ତାଟିଏ ଖସି ସେ ମାଠିଆ ଭିତରେ ପଡି ଛିଦ୍ରଟିକୁ ବନ୍ଦ କରିଦେଲା । ଫଳରେ ସେଇଠି ପାଣି ଅଟକିଗଲା । ସୁତରାଂ ସେ ମାଠିଆ ଆଉ ଜଳପୂର୍ଣ୍ଣ ହେଲା ନାହିଁ । ଜଳପୂର୍ଣ୍ଣ ନ ହେବାର କାରଣ ପରେ ଜଣାପଡିଲେ ମଧ୍ୟ ସେତେବେଳକୁ ଆଉ କିଛି ବି ଉପାୟ ନ ଥିଲା। ଶେଷରେ ବାହାଘର କାର୍ଯ୍ୟ ସମ୍ପନ୍ନ ହେଲା । ସତକୁ ସତ ବିବାହର ଖୁବ୍ ଅଳ୍ପଦିନ ପରେ ଲୀଳାବତୀ ବିଧବା ହୋଇଗଲେ । ତା'ପରେ ସେ ତାଙ୍କ ବାପଘରକୁ ଫେରି ଆସିଲେ । ତାଙ୍କର ପିତା ଜଣେ ପ୍ରସିଦ୍ଧ ଗଣିତଜ୍ଞ ଥିବାରୁ ତାଙ୍କ ଠାରୁ ଗଣିତ ଜ୍ଞାନ ଆହରଣ କରିବାରେ ଲାଗିଲେ । ତତ୍କାଳୀନ ସମୟରେ ଭାରତରେ ଗଣିତ ଶିକ୍ଷା ପ୍ରଧାନତଃ ପରିବାରକେନ୍ଦ୍ରିକ ଥିଲା। ପିତା ନିଜ ଜ୍ଞାନ ଓ ଟିକାକୁ ପୁତ୍ରଙ୍କୁ ଦେଉଥିଲେ। ସେ ସମୟରେ ନାରୀମାନଙ୍କର ଗଣିତରେ ଭୂମିକା ବହୁତ ସୀମିତ ଓ ପ୍ରାୟ ଅସ୍ତିତ୍ୱହୀନ ଥିଲା । ଧର୍ମୀୟ ଧାରଣା ଗଣିତ ଧାରଣା ସହିତ ବେଶ୍ ଜଡିତ ଥିଲା ଏହି କାରଣରୁ ଟିକା ରଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ ଲୀଳାବତୀ ଜଣେ ବିଚକ୍ଷଣ ପ୍ରତିଭା ସମ୍ପନ୍ନ ନାରୀ ହୋଇଥିବାରୁ ଭାସ୍କରାଚାର୍ଯ୍ୟଙ୍କ ଠାରୁ ଗଣିତ ଶାସ୍ତ୍ରର ପ୍ରୟୋଗ ତଥା କୌଶଳକୁ ଅକ୍ଲେଶରେ ଗ୍ରହଣ କଲେ । କାଳକ୍ରମେ ଅଙ୍କ ବିଦ୍ୟାରେ ପିତାଙ୍କଠାରୁ ବଳି ଅସାଧାରଣ ଜ୍ଞାନ ତାଙ୍କର ଆସିଗଲା ଫଳରେ ବାପା ଓ ଝିଅ ଉଭୟ ମିଶି ବୀଜଗଣିତ ଉପରେ ବିଭିନ୍ନ ଆଲୋଚନା କରି ତାର ସମାଧାନ ପାଇଁ ସରଳ ସୂତ୍ରମାନ ନିର୍ଦ୍ଧାରଣ କରିବାରେ ବ୍ୟସ୍ତ ରହିଲେ । କଠିନ ଗଣିତଗୁଡିକ ସରଳ ସୂତ୍ର ମାଧ୍ୟମରେ କିଭଳି ସହଜରେ ସମାଧାନ କରିହେବ ତାହା ଉପରେ ୧୧୫୦ ଖ୍ରୀଷ୍ଟାବ୍ଦରେ ଭାସ୍କରାଚାର୍ଯ୍ୟ, ଗଣିତସୂତ୍ର ପୁସ୍ତକ ଲେଖିଲେ ଯାହା ପରବର୍ତ୍ତୀ ସମୟରେ 'ଲୀଳାବତୀ ସୂତ୍ର' ନାମରେ ନାମିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା । ଭାସ୍କରାଚାର୍ଯ୍ୟଙ୍କର ମୁଖ୍ୟ ଗ୍ରନ୍ଥ "ସିଦ୍ଧାନ୍ତ ଶିରୋମଣି" (ଅର୍ଥାତ୍ "ଗ୍ରନ୍ଥମାନଙ୍କର ମୁକୁଟ")ର ଲୀଳାବତୀ, ବୀଜଗଣିତ, ଗ୍ରହଗଣିତ ଓ ଗୋଳାଧ୍ୟାୟ ନାମରେ ଯେଉଁ ଚାରୋଟି ଖଣ୍ଡ ରହିଛି ତନ୍ମଧ୍ୟରୁ, ଭାରତୀୟ ଗଣିତ ପରମ୍ପରାରେ ଲୀଳାବତୀ ସବୁଠାରୁ ପ୍ରଶଂସିତ ଓ ଲୋକପ୍ରିୟ ଗ୍ରନ୍ଥ ଭାବେ ପରିଚିତ। କହିବାକୁ ଗଲେ ଆଧୁନିକ ଗଣିତ ଶାସ୍ତ୍ରର ପ୍ରାୟ ୧୦୦ ବର୍ଷ ପୂର୍ବେ ପାଟି (ମୌଖିକ) ଗଣିତ, ବୀଜ ଗଣିତ, ଜ୍ୟାମିତି, ପରିମିତି, ତ୍ରିକୋଣମିତି, ଅଙ୍କଗଣିତ, ବୀଜଗଣିତ, ଜ୍ୟାମିତି, ମାପନଶାସ୍ତ୍ର ଓ ସଂଖ୍ୟାତତ୍ତ୍ୱ ଆଦିର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ରୂପେ ଏହା ସର୍ବଜନବିଦିତ ଥିଲା । ଲୀଳାବତୀ ପ୍ରଧାନତଃ ଅଙ୍କଗଣିତ ଉପରେ ଆଧାରିତ ଏବଂ ଏଥିରେ ୨୭୯ଟି ସଂସ୍କୃତ ପଦ୍ୟ ରହିଛି । ଏଥିରେ ଜଟିଳ ଗାଣିତିକ ସମସ୍ୟାଗୁଡିକର ସରଳ ସମାଧାନ ଗୁଡିକୁ ପଦର ଲାଳିତ୍ୟରେ ଅତିବ ଅକର୍ଷଣୀୟ ଓ ମାଧୁର୍ଯ୍ୟମୟ ଢଙ୍ଗରେ ବର୍ଣ୍ଣିତ ହୋଇ ଗଦ୍ୟ ଟିକା ସହିତ ଉପସ୍ଥାପିତ ହୋଇଛି । ଆଧୁନିକ ଗଣିତର ମୁଖ୍ୟ ଅଂଶହେଉଛି 'ପ୍ରମାଣ', କିନ୍ତୁ ଭାସ୍କରାଚାର୍ଯ୍ୟ ଏହା ସମ୍ପର୍କରେ ବିଶେଷ ଧାରଣା ରଖିଥିଲେ ବୋଲି ଅନୁଭବ ନହେଲେ ମଧ୍ୟ, ତାଙ୍କର ସଂକ୍ଷିପ୍ତ ପଦ୍ୟଗୁଡ଼ିକରେ ଥିବା ନିୟମ ଓ ସାଧାରଣୀକରଣଗୁଡ଼ିକ ଏହାକୁ ସୂଚାଏ ଯେ ସେ ସମୟରେ ମଧ୍ୟ ତାଙ୍କ ମନରେ ନିଶ୍ଚୟ କିଛି ତର୍କ ଓ ବିଚାର ଥିଲା । ତାଙ୍କର ଗାଣିତିକ ସମସ୍ୟା ସମାଧାନର ପ୍ରଣାଳୀ ଥିଲା ସଠିକ୍ ଓ ନିର୍ଦ୍ଦିଷ୍ଟ । ତର୍କକୁ ସ୍ପଷ୍ଟ ଭାବେ ଲେଖିବାକୁ ସେ ଆବଶ୍ୟକ ମନେ କରୁନଥିଲେ ବରଂ ସେ ସମ୍ପୂର୍ଣ୍ଣ ଅନୁଭୂତି ଉପରେ ଭରସା କରୁଥିଲେ। ତତ୍କାଳୀନ ସମୟରେ ଗାଣିତିକ ପ୍ରତୀକ ବା ସଂକେତ ପ୍ରଣାଳୀ ନଥିଲା, ଗାଣିତିକ ଚିତ୍ର ଓ ରେଖାଚିତ୍ରର ପ୍ରଚଳନ ହୋଇନଥିଲା । ଅନୁଭୂତି ଆଧାରିତ ଚିନ୍ତା ଓ ଆଲଗୋରିଦମ୍ ପଦ୍ଧତିରେ ନିପୁଣ ଥିବା ଭାସ୍କରାଚାର୍ଯ୍ୟ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜନ ଧର୍ମୀ କାବ୍ୟ ମାଧ୍ୟମରେ ସଂଖ୍ୟା ପଦ୍ଧତି, ଯୋଗ ପଦ୍ଧତି,ବିୟୋଗ ପଦ୍ଧତି, ଗୁଣନ ପଦ୍ଧତି, ଭାଗ ପଦ୍ଧତି, ଭାଗାଂଶ, ଶୂନ୍ୟ ଓ ଦଶମିକ ଧାରଣା, ନିୟମ ତ୍ରୟୀ, ସୁଧ ଗଣନା, ଲାଭ-କ୍ଷତି ଗଣନା, ମିଶ୍ରଣ ପଦ୍ଧତି, ମାପ ଓ ମାପକ, କ୍ଷେତ୍ରଫଳ ଗଣନା, ଘନଫଳ ଗଣନା, ସରଳ ସମୀକରଣ, ଅନୁପାତ ଓ ପ୍ରମାଣ, ସରଳ ଜ୍ୟାମିତି, ପ୍ରଶ୍ନ-ଉତ୍ତର ଆଧାରିତ ପଦ୍ଧତି ଗୁଡିକୁ ଅତି ନିଖୁଣ ଭାବେ ପରିପ୍ରକାଶ କରିଥିଲେ । କେବଳ ସେତିକି ନୁହେଁ ବରଂ ଭାସ୍କରାଚାର୍ଯ୍ୟଙ୍କ "ଲୀଳାବତୀ" ଗ୍ରନ୍ଥରେ ବ୍ୟବହୃତ ଲୀଳାବତୀର ଶେଷ ପଦ୍ୟ ଭାସ୍କରାଚାର୍ଯ୍ୟଙ୍କ କାବ୍ୟ ପ୍ରତିଭାକୁ ଆହୁରି ସୁନ୍ଦର ଭାବେ ପ୍ରକାଶ କରେ। ଏହି ପଦ୍ୟଟି ଲୀଳାବତୀ ନାମକ ଜଣେ ସୁସଂସ୍କୃତ କନ୍ୟାଙ୍କ ବର୍ଣ୍ଣନା ପରି ଲାଗେ, କିନ୍ତୁ ଏହାକୁ ଗଣିତ ଗ୍ରନ୍ଥ ରୂପେ ମଧ୍ୟ ବୁଝାଯାଇପାରେ। ଏହି କାରଣରୁ ଭାସ୍କରାଚାର୍ଯ୍ୟଙ୍କୁ "ଗଣକଚକ୍ରଚୂଡ଼ାମଣି"— ଅର୍ଥାତ୍ "ଗଣିତଜ୍ଞମାନଙ୍କ ମଧ୍ୟରେ ଶିରୋମଣି"—ଉପାଧି ଦିଆଯାଇଥିଲା । ମାକୁୟେଲେ ଇଂରେଜ ଶିକ୍ଷା ଢାଞ୍ଚାରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ପକାଇବା ପୂର୍ବରୁ ସମସ୍ତ ଚାଟଶାଳୀ ଓ ବେଦବିଦ୍ୟାଳୟରେ 'ଗଣିତ' ବୋଇଲେ ଏହି ବିରାଟ 'ଲୀଳାବତୀ ସୂତ୍ର' ହିଁ ପଢ଼ାଯାଉଥିଲା । ଲୀଳାବତୀରେ ବିକଶିତ ଧାରଣା ଓ ପଦ୍ଧତିଗୁଡ଼ିକ ଆଜି ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଓ ବିଦ୍ୟାର୍ଥୀ, ଶିକ୍ଷକ, ପଣ୍ଡିତ, ଇତିହାସବିଦ୍ ଏବଂ ଗଣିତ ପ୍ରସାରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ପାଇଁ ଉପକାରୀ। ଭାରତର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ (ଯେଉଁଠାରେ କ୍ୟାଲକୁଲେଟର ଅନୁମତି ନାହିଁ) ଏହି ପୁସ୍ତକଟି ବିଶେଷ ଭାବେ ସହାୟକ। ଏହି ଗୁରୁତ୍ୱପୂର୍ଣ୍ଣ ପାଠ୍ୟଗ୍ରନ୍ଥଟି ପ୍ରାୟ ୮୦୦-୮୫୦ ବର୍ଷ ଧରି ଶିକ୍ଷା ଦେବାରେ ବ୍ୟବହୃତ ହୋଇଆସିଛି ଏବଂ ଆଜି ମଧ୍ୟ ଭାରତର ଅନେକ ସଂସ୍କୃତ ବିଦ୍ୟାଳୟରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଛି। ଏହାର ପାଣ୍ଡିତ୍ୟପୂର୍ଣ୍ଣ, ସୁସ୍ପଷ୍ଟ ଓ ଐତିହାସିକ ଉପସ୍ଥାପନା ଯୋଗୁଁ ଏହି ଗ୍ରନ୍ଥଟି ବିଶ୍ୱର ଅନେକ ଭାଷାକୁ ଅନୁବାଦିତ ହୋଇଛି।

ଭାସ୍କରାଚାର୍ଯ୍ୟଙ୍କ ମହାନ କୃତି 'ଲୀଳାବତୀ ସୂତ୍ର' କେବଳ ଗୋଟିଏ ସାହିତ୍ୟିକ ଗ୍ରନ୍ଥ ନୁହେଁ ବରଂ ଗଣିତର ଇତିହାସରେ ଏହା ଗୋଟିଏ ଅତ୍ୟନ୍ତ ଗରିମାମୟ ଓ ସମ୍ମାନିତ ସ୍ଥାନ ଅଧିକାର କରିଛି। ଏହା ତାଙ୍କର ଅସାଧାରଣ ଗଣିତ ପ୍ରତିଭାର ଏକ ଜୀବନ୍ତ ପ୍ରମାଣ। ତାଙ୍କ ସମୟରେ ସେ ଭାରତର ସବୁଠାରୁ ନବଚିନ୍ତକ ଗଣିତଜ୍ଞମାନଙ୍କ ମଧ୍ୟରୁ ଜଣେ ବୋଲି ଅଭିହିତ ହୁଅନ୍ତି । ସେ ଗଣିତକୁ ଭଲପାଉଥିଲେ କାରଣ ତାଙ୍କ ଦୃଷ୍ଟିରେ ଗଣିତ ହିଁ ଏହି ସଂସାରରେ ସବୁବେଳେ ସତ୍ୟ । ଗାଣିତିକ ସମସ୍ୟାକୁ ରସାତ୍ମକ, ଆନନ୍ଦଦାୟକ ଓ ମନୋରଞ୍ଜଧର୍ମୀ ଉପାୟରେ ସରଳ ଓ ସାବଲୀଳ ଭାବେ ସମାଧାନ କରିବା ନିମନ୍ତେ ତାଙ୍କର ସ୍ୱ-ରଚିତ ଲୀଳାବତୀ ସୂତ୍ର ଏକ କାଳଜୟୀ ରଚନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୬୯

## ବନବାସକୁ ବାରବର୍ଷ ପୂରିଲା-୩



ବିରାଟ ରାଜାଙ୍କ ଦରବାରରେ କିଏ କେଉଁ କାମ କରିବେ ନିଷ୍ପତ୍ତି ହେବାପରେ, ଯୁଧିଷ୍ଠିର ସମସ୍ତଙ୍କ ସହ ଆଲୋଚନା କରି ନିମ୍ନଲିଖିତ କଥା ଉପରେ ଯଥେଷ୍ଟ ସତର୍କ ହେବାପାଇଁ ଠିକ୍ ହେଲା।

..... ଆମେମାନେ କାମ କରୁଥିବାବେଳେ ଅଧିକ କଥା କହିବା ନାହିଁ । ଯେତିକି ପରାମର୍ଶ ମଗାଯିବ ସେତିକି ମାତ୍ର କୁହାଯିବ, ଅଧିକ ନୁହଁ। ଯଥା ସମୟରେ ରାଜାଙ୍କୁ ପ୍ରଶଂସା କରାଯିବ, ପ୍ରଶଂସା ଗୁଡ଼ିକ ଅଯଥା ହେବା ଉଚିତ୍ ନୁହଁ। ସେପରି ହେଲେ ରାଜାଙ୍କର ସନ୍ଦେହ ବଢ଼ିବ । କାମଟି ଯେତେ ଛୋଟ ହେଉ, ରାଜାଙ୍କ ଜାଣତ ଭିତରେ କରାଯିବା ଉଚିତ୍ । ରାଜାଙ୍କ ନିକଟକୁ ସବୁବେଳେ ଯିବାନାହିଁ କି ରାଜାଙ୍କଠୁ ବେଶୀ ଦୂରେଇ ରହିବା ନାହିଁ । ରାଜାଙ୍କ ଉପରେ ଅତ୍ୟଧିକ ଆସ୍ଥା ରଖିବା ବୋକାମି ଅଟେ । ଯେତେ ପ୍ରିୟ ହୋଇଥିଲେ ମଧ ରାଜାଙ୍କ ପାଇଁ ଉଦ୍ଦିଷ୍ଟ ଆସନ କିମ୍ବା ତାଙ୍କ ରଥରେ ବସିବା ଏକ ଅପରାଧ । ରାଜାଙ୍କ ସେବକ ଭାବରେ ଜଣେ କର୍ମଠ ରହିବା ସାଙ୍ଗକୁ ଅଧିକ ଖୁସି ପ୍ରକାଶ କରିବା ଅନୁଚିତ । ଏବଂ ରାଜା ଅସମ୍ମାନ କଲେ କେହି ଦୁଃଖ ପ୍ରକାଶ ନକରିବା ଆବଶ୍ୟକ ।

..... ଜଣକୁ କୁହାଯାଇଥିବା ଗୋପନ କଥା କେଉଁଠି ପ୍ରକାଶ କରାଯିବା ଅନାବଶ୍ୟକ । ଏବଂ ପ୍ରଜାଙ୍କ ଠାରୁ କୌଣସି ଉପହାର ଗ୍ରହଣ କରିବା ସର୍ବାଦୌ ବର୍ଜନୀୟ । ଆମେ ରାଜାଙ୍କର ସେବକ, ତେଣୁ ଅନ୍ୟ ସେବକଙ୍କୁ ଈର୍ଷା ନକରିବା ଉଚିତ୍। ବେଳେ ବେଳେ ଇମିତି ହୁଏ, ରାଜା ଅଯୋଗ୍ୟ ମାନଙ୍କୁ ଯୋଗ୍ୟ ମାନଙ୍କ ଉପରେ ଥଇଥାନ କରିଥାନ୍ତି । ସେପରିସ୍ଥଳେ ମୁହଁ ଖୋଲିବା ଅଧିକ ବୋକାମି । ରାଜାଙ୍କ ଦରବାରରେ ମହିଳାଙ୍କ ପ୍ରତି ବେଶୀ କୌତୂହଳ ପ୍ରକାଶ କରାଯାଏନା। ମହିଳାଙ୍କ ପ୍ରତି ବ୍ୟବହାରରେ ଯେମିତି ତ୍ରୁଟି ନହୁଏ, ସମସ୍ତେ ସତର୍କ ହେବେ । ପାଣ୍ଡବ ଭାଇମାନେ ଉପରୋକ୍ତ କଥା ଉପରେ ଯଥେଷ୍ଟ ଧ୍ୟାନ ଦେବେ ବୋଲି ଠିକ୍ ହେଲା। (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଜଙ୍ଗଲ ସୁରକ୍ଷା



*ସୁରମା ମିଶ୍ର*

ଜଙ୍ଗଲ ଆମର ସୁଖଦୁଃଖ ସାଥି
ସିଏ ତ ଆମରି ସାହା
ତା ବିନା ତ ଆମେ ବଞ୍ଚି ପାରିବାନି
ଗୁରୁ କହିଛନ୍ତି ଏହା ॥

ପରିବେଶ ସ୍ୱଚ୍ଛ ରଖିବା ପାଇଁକି
ଜଙ୍ଗଲ ସୃଷ୍ଟି କରିବା
ଖାଲି ଜାଗା ସବୁ ଯେଉଁଠି ଦେଖିବା
ଗଛ ନେଇ ପୋତି ଦେବା ॥

ଆସ ଆଜି ଆମେ ଶପଥ ନେବାରେ
ମାଟି ମାଆଟିକୁ ଛୁଇଁ
ଜଙ୍ଗଲ ସୁରକ୍ଷା କରିବାରେ ଆମେ
ପଛଘୁଞ୍ଚା ଦେବା ନାହିଁ ॥

ଦିନୁଦିନ ଭାରି ଦୂଷିତ ହେଉଛି
ଆମରି ବାୟୁ ମଣ୍ଡଳ
ଏବେଠାରୁ ଯଦି ସତର୍କ ନ ହେବା
ଆଉ ପାଇବାନି ବେଳ ॥

ଜଙ୍ଗଲ ହସିଲେ ହସିବା ଆମେରେ
ଏକଥା ମନେ ରଖିବା
ଭୁଲିବାନି କେବେ ଭୁଲିବା ନାହିଁରେ
ଜଙ୍ଗଲକୁ ବଞ୍ଚାଇବା ॥

ବଞ୍ଚିଲେ ଜଙ୍ଗଲ ଆମେ ବଞ୍ଚିବାରେ
ପାଇ ତାଠୁ ଅମ୍ଳଜାନ
ଶୋଷି ନେବ ସିଏ ଅଙ୍ଗାରକାମ୍ଳକୁ
ସୁସ୍ଥେ କାଟିବା ଜୀବନ ॥

ଜଗତର ହିତ ସାଧନ ପାଇଁ କି
ସବୁବେଳେ ମନ ଦେବା
ଖୁସି ହେବ ଆମ ଧରିତ୍ରୀ ମାଆଟି
(ତା) ମୁଖେ ହସ ଫୁଟାଇବା ॥

*ବିଏଲ୍-୩୯, ଭିଏସ୍ଏସ୍ନଗର,*
*ଭୁବନେଶ୍ୱର*



# ଆମ ପ୍ରିୟ ମଧୁବାବୁ

*ନୀଳମଣି ଚାନ୍ଦ*

କାଳିଆ ଘୋଡ଼ା ଯିବୁନି ଯୋଡ଼ା
ଯା ସତ୍ୟଭାମାପୁର
ଆସିଲେ ବୁଲି ମନରେ ଖୁସି
ହୋଇବ ଭରପୂର।
ଜାଣିଛି ତୁହି ଦେଖି ସାରିଛୁ
ଗୋରାକବର ପରା
କହ କାହିଁକି ହୋଇଗଲା ତୋ
ଆଖି ଯେ ଲୁହ ଭରା।
ଉତ୍କଳ ଟ୍ୟାନେରୀକୁ ତୁ ଖୋଜି
ଯାଇଥିବୁରେ ଥକି
ତୋତେ ଦେଖିବା ପାଇଁ ପିଲାଏ
ରହିଥିବେରେ ଛକି।
କହିବ କିଏ ଦେଖରେ ଦେଖ
ବାରିଷ୍ଟରଙ୍କ ଘୋଡ଼ା
ଧରେଇ ଦେବେ ମଧୁଙ୍କ ପାଇଁ
ସୁନ୍ଦର ଫୁଲତୋଡ଼ା।
ଫେବୃୟାରୀ ଚାରି ତାରିଖ
ଯା ତିରୋଧାନ ତିଥି
କୁଳବୃଦ୍ଧଙ୍କୁ ମନେ ପକାଉ
ଜାଗେ ଓଡ଼ିଆ ପ୍ରୀତି।
ନାହାନ୍ତି ସିଏ ସତ ଯେ ଇଏ
ଭାବୁରେ ତାଙ୍କ କଥା
ସେହି 'ଉତ୍କଳ ଗଉରବ'ଙ୍କୁ
ନୁଆଇଁ ଦେଉ ମଥା।

*ମନ୍ତମାନୋର, ଗୋଠପାଟଣା,*
*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଏସନ ଯୋଉ ଜାଡ଼

*ଶରତ କୁମାର ଦାସ*



କାକର ଭିଜା ପସରା ମେଲି
ଦେଖାଇ କେତେ ଥାଟ,
ଯିବାକୁ ଏବେ କରୁଛି ମନ
ଖୋଜୁଛି ସିନା ବାଟ ।
ତଥାପି ତା'ର ସରୁନି ଖେଳ
କାଢ଼ଇ କେତେ ଭାଉ,
ଯାତନା ଏତେ ଦେଉଛି କାହିଁ
ସହିହେଉନି ଆଉ ।
ଥରାଇଦିଏ ଜୀବଜଗତ
ପରଶ ତା'ର ଦେଇ,
ଛୁଆଠୁ ବଡ଼ ସବୁ କାତର
ଖସନ୍ତି ନାହିଁ କେହି ।
କାଟୁଛି ଦିନ ହସଖୁସିରେ
ବୁଲି ସେ ଘରେ ଘରେ,
ଦେଖୁଛି କିଏ ଅଛନ୍ତି ସୁଖେ
(କାହା) ଆଖିରୁ ଲୁହ ଝରେ ।
କାହାର ଅଛି କନ୍ଥା କମ୍ବଳ
କାହାର ପୁଣି ନାହିଁ,
ଥରୁଛି କିଏ ଖୋଲା ଦେହରେ
ରାସ୍ତା କଡ଼ରେ ଥାଇ ।
କିଏ ପୋଉଁଛି ସକାଳେ ନିଆଁ
ସଂଜରେ ଅବା କିଏ,
କିଏ ସେ ପୁଣି ଆସିଲେ ରାତି
ତାଟିକବାଟ ଦିଏ ।
ଛୁଇଁଲେ ପାଣି ଲାଗୁଛି ଡର
ଗୋଦରା ହୁଏ ହାତ,
ପଖାଳ କଂସା ଯାଏ ଦୂରେଇ
ସାଥୀ ଗରମ ଭାତ ।
ସଭିଙ୍କ ତୁଣ୍ଡେ କଥା ଗୋଟିଏ
ଏସନ ଯୋଉ ଜାଡ଼,
ଆଗରୁ କାହିଁ ନଥିଲା ଦେଖା
ଆସି ଭାଙ୍ଗୁଛି ହାଡ଼ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

# ନକର ପିଲାଏ ଡେରି

*ପ୍ରଫୁଲ୍ଲ କୁମାର ସାହୁ*



ବରଷ ଶେଷରେ ହୋଇବ ପରୀକ୍ଷା
(ପିଲେ) ପାଠ ପଢ ମନଦେଇ,
ବରଷକ ଫଳ ମିଳିବ ତୁମକୁ
ନ ଭୁଲ ଏ କଥା କେହି ।୧।
ଛାଡି ଖେଳା ବୁଲା ଅବସର ବେଳା -
କର ତୁମେ ଉପଯୋଗ,
କେତୋଟି ଦିନରେ ତୁମ ପରିଶ୍ରମ
ବଦଳାଇ ଦେବ ଭାଗ୍ୟ ।୨।
ଅଳସ ପଣଟି ଦୂରେଇ ଜୀବନେ
ପାଠରେ ଲଗାଅ ମନ,
ଅଳସୁଆ ପାଏ ଜୀବନରେ ଦୁଃଖ
ହୁଏ ବଡ଼ ହୀନିମାନ ।୩।
ବାଟ ଚାଲିବାକୁ ପାଠୁଆ ପିଲାଙ୍କୁ
ପାଠଟି ଦେଖାଏ ବାଟ,
ଗୁରୁ ଉପଦେଶ ମାନି ଜୀବନରେ
ହୁଅରେ ଉତ୍ତମ ଚାଟ ।୪।
ପିତା ମାତା ଗୁରୁ ସଦା ଉପକାରୀ
ମାନିଲେ ତାଙ୍କରି କଥା,
ଚଲା ବାଟେ କଷ୍ଟ ହୋଇବ ଲାଘବ
ଦୂର ହେବ ସର୍ବ ବ୍ୟଥା ।୫।
ବହି ଯିବା ପାଣି ଗଡିବା ବୟସ
ଆଉ ନ ଆସଇ ଫେରି,
ନିଜ ହାତେ ଗଢ଼ ନିଜର ଜୀବନ
ନ କର ପିଲାଏ ଡେରି ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର, ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ଗୁରୁ

*ଭାଗ୍ୟବତୀ*



ଗୁରୁ ପିତାମାତା ଗୁରୁ ମୋ ଦେବତା।
ଗୁରୁ ମୋ ଅଟନ୍ତି ସିଦ୍ଧି-ବୁଦ୍ଧି ଦାତା ॥୧॥
ଗୁରୁ ମୋ ଅଟନ୍ତି କରୁଣାବତାର।
ଗୁରୁ ମୋ ଅଟନ୍ତି ଜ୍ଞାନର ସାଗର ॥୨॥
ଗୁରୁ ଆଗମନେ ଅଜ୍ଞାନ ଅନ୍ଧାର।
ଗୁରୁଙ୍କୁ ଦେଖିଲେ କରଇ ଜୁହାର ॥୩॥
ଗୁରୁ ସମାହାର ଅନେକ ତେଜର ।
ଗୁରୁଙ୍କୁ ଦେଖିଲେ କର ନମସ୍କାର ॥୪॥
ଗୁରୁ ମୋ ଅଟନ୍ତି ଏପରି ମୃଦଙ୍ଗ ।
ବଜାଇଲେ ଶୁଭେ ଅନୁକ୍ରୋଶ ନାଦ ॥୫॥
ଗୁରୁ ମୋ ଅଟନ୍ତି ଏପରିକା ଜ୍ଞାନ।
ପଞ୍ଚତତ୍ତ୍ୱ ଯିଏ କରନ୍ତି ସମାନ ॥୬॥
ଗୁରୁ ମୋ ଦିଅନ୍ତି ଏପରିକା ଦୀକ୍ଷା।
ଉତ୍ତୀର୍ଣ୍ଣ ହୁଏ ମୁଁ ଜୀବନ ପରୀକ୍ଷା ॥୭॥
ଦୂର କରନ୍ତି ସେ ଆମରି ସଂଶୟ।
ତିଆରି କରନ୍ତି ଆମ ପରିଚୟ ॥୮॥
ଗୁରୁଙ୍କର ଋଣ ଭୁଲି ନ ପାରିବି।
ତାଙ୍କରି ସ୍ମରଣ ନିତି କରୁଥିବି ॥୯॥
ଗୁରୁ ତ ସାକ୍ଷାତ ଈଶ୍ୱର ସମାନ।
ଗୁରୁ ପଦ ସେବି ଯାଉ ଏ ଜୀବନ ॥୧୦॥

*ଶିକ୍ଷୟିତ୍ରୀ, ପଞ୍ଚାୟତ ହିଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଅଣ୍ଟିଆ, ଯାଜପୁର*
*ମୋ- ୭୭୫୧୯୫୧୯୫୧*

# ଆସନ୍ତ ଯେବେରେ

*କୀର୍ତ୍ତନ ସାହୁ*

ଆସନ୍ତ ଯେବେରେ ଆମ ଗାଁ ସକାଳ
କଅଁଳ ଖରାକୁ ଥରେ
ଦେଖନ୍ତ ସୂରୁଜ ଅପାସୋରା ଦୃଶ୍ୟ
କେମିତି ହୃଦୟ ହରେ ।
ଆସନ୍ତ ଯେବେରେ ଆମ ଗାଆଁ ନଈ
କୂଳକୁ ଥରୁଟେ ଚାଲି
ସରୁ ଚିକିମିକି ପାଣି ଧାର ଦେଖି
ହୁଅନ୍ତ ପଛରେ ଭାଳି।
ଆମ ଗାଁ ମନ୍ଦିର ଆସନ୍ତ ଯେବେରେ
ସଞ୍ଜରେ ଆଳତି କରି
ଢୋଲ ଧମସା ଓ ଝାଞ୍ଜ ଘଣ୍ଟି ତାଳେ
ହୃଦୟ ଯାଆନ୍ତା ଭରି।
ଆସନ୍ତ ଯେବେରେ ପରବ ବେଳାରେ
ଦେଖିଯାନ୍ତ ଭାଇ ଚାରା
ପିଠାପଣା ଦିଆନିଆରେ କେମିତି
ଉଛୁଳେ ଗାଆଁଟା ସାରା ।
ଆସନ୍ତ ଯେବେରେ ଆମ ଗାଆଁ ବୁଲି
ଦେଖନ୍ତ ବି ଚାଳଘର
ସେ ଘରେ ଶରଧା ମମତା ଭରିଛି
ନାହିଁ କେ ଆପଣା ପର ।

*ମିଶ୍ରକଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ଫେବୃୟାରୀ ମାସର ପର୍ବପର୍ବାଣୀ

*ନିରଞ୍ଜନ ସାହୁ*



ଫେବୃୟାରୀ ମାସେ ଯେତେ ପର୍ବ ଆସେ
ଲେଖୁଛି ବୁଝାଇ ତାହା
ସବୁ ପର୍ବ ପାଳି ସଙ୍କଟକୁ ଟାଳି
ଧର୍ମ ଅରଜିବା ଯାହା ।
ମାଘ ପୂର୍ଣ୍ଣିମାରେ ଅଗ୍ନି ଉତ୍ସବ ଯେ
ଯୋରନ୍ଦା ଗାଦିରେ ମେଳା
'ମହିମା ଅଲେଖ' ନାମଟି ଅଟଇ
ଭବ ସାଗରକୁ ଭେଳା ।
ଅଗ୍ନି ଉତ୍ସବରେ ଅଗି ଜଳାଯାଇ
ଶୀତକୁ ବିଦାୟ ଦିଅ
ଧୀରେଧୀରେ ଖରା ମାଡ଼ି ଆସୁଥିବ
ହେ ଶୀତ ! ବିଦାୟ ନିଅ ।
କୁମ୍ଭ ସଙ୍କରାନ୍ତି ପଡ଼େ ଏ ମାସରେ
ପଙ୍କୋଦ୍ଧାର ଏକାଦଶୀ
ମହାଶିବରାତ୍ରି ଜାଗର ଆସିବ
ଶିବ ବିରାଜିବେ ହସି ।
ମହାଶିବରାତ୍ରି ଜାଗର ତିଥିରେ
ରହି ରାତି ଉଜାଗର
ଶିବାଳୟେ ବସି ଜାଗର ଜାଳିବ
ଜପୁଥିବ ହର ହର ।
ଦେବ ଆଶୁତୋଷ ହୋଇଲେ ସନ୍ତୋଷ
ଯାଚି ଦେଇଥାନ୍ତି ବର
ଉପବାସ ପାଳ ଜାଗର ହିଁ ଜାଳ
ଶିବ ପଦେ ଭକ୍ତି କର ।
ରମଜାନ ମାସ ଆରମ୍ଭ ହୋଇବ
ଏହି ଫେବୃୟାରୀ ମାସେ
ଫଗୁ ଦଶମୀ ଯେ ଫଗୁଣ ମାସରେ
ଦୋଳ ଯାତରାଟି ଆସେ ।
ବିମାନରେ ବସି ଯୁଗଳ ମୂରତି
ଚାଚେରୀ ବୁଲିବେ ଜାଣ
ଅବିର ଖେଳିବା ରଙ୍ଗ ବୋଳିହେବା
ପିଚକାରୀ କିଣି ଆଣ ।
ଫେବୃୟାରୀ ମାସ ପର୍ବପର୍ବାଣୀରେ
ନିଜକୁ ସାମିଲ କରି
ପ୍ରଫୁଲ୍ଲ ଚିତ୍ତରେ ପ୍ରଭୁ ପୟରରେ
ସମର୍ପିବା ଭକ୍ତି ଭରି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ବସନ୍ତ ଆସିଛି ଝୁଲି ଝୁଲି

*ରାମଚନ୍ଦ୍ର ବେହେରା*



ଶୀତ ଫେରିଗଲା କୁହୁଡି ହଟିଲା
ଚଉଦିଗ ଆଜି ଶୋଭାମୟ
ନାନା ଜାତି ପୁଷ୍ପେ ସଜବାଜ ହୋଇ
ଧରା କୋଳ ଦିଶେ ମଧୁମୟ।
ଦିନ ବଡ ହେଲା ଖରା ଟାଣ ହେଲା
ଶୀତ ଧୀରେ ଗଲା ନଇଁ ନଇଁ
ଦକ୍ଷିଣ ଦିଗରୁ ମଳୟ ପବନ
ବହିଲାଣି ମିତ ସାଇଁ ସାଇଁ।
ଗରମ ପୋଷାକ ଆଉ ଦିଶୁନାହିଁ
ପଂଖା ବୁଲିଲାଣି ଧୀରେ ଧୀରେ
ଆମ୍ବଗଛ ଡାଳେ ବଉଳ ହସଇ
ନଜର ପଡିଲେ ପେଟ ପୂରେ।
ଗାଆଁ ତୋଟାମାଳୁ ଭାସି ଭାସି ଆସେ
କୋଇଲି ନାନୀର କୁହୁ ଗୀତ
ହଳଦୀ ବସନ୍ତ ବାଡ଼ି ବଗିଚାରେ
ହୋଇଲାଣି ଏବେ ଆତଯାତ।
କଅଁଳ ପତ୍ରରେ ହସେ ତରୁଲତା
ଧୂସର ଦିଶଇ ବସୁନ୍ଧରା
ଗାଆଁ ମୁଲକରେ ରୋଷେଇ ଶାଳରେ
ବାସେ ମୋଟିଶାଗ ଚୁଡୁଚୁଡା।
ଶିମୂଳି ପଳାଶ କୃଷ୍ଣଚୂଡା ଡାଳେ
ଫୁଲ ହସିଲାଣି ଖିଲି ଖିଲି
ପୁଷ୍ପ ସବାରିରେ ବସନ୍ତ ଆସିଛି
ମରତଧାମକୁ ଝୁଲି ଝୁଲି।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୨୪୬*

# ଅଛି କିବା ମୋର ଖୁସି !

*ମହେନ୍ଦ୍ର କୁମାର ଘଡ଼େଇ*



ପେଟ ପୋଷିବାକୁ ନାଆ ମୋ' ବୁହାଏ
ହୋଟେଲରେ କରେ କାମ
କୁନି ହାତେ ଇଟା ଗଢ଼େ ରାତି ଦିନ
ବାଳଶ୍ରମିକ ମୋ' ନାମ ।
କେତେବେଳେ ଟ୍ରଲି ଚଳାଇ ବୁହଇ
ଭାରି ବୋଝ ଲଦି ଯେତେ
ଗାଈଆଳ ବୋଲକରା ମାଳି ସାଜି
ହୁକୁମକୁ ପାଳେ କେତେ ।
ଘର ଘର ବୁଲି ଫେରି ବିକୁଥାଏ
ଖବର କାଗଜ ପୁଣି
ଶଇଶବକୁ ମୋ' ବନ୍ଧାରେ ପକାଇ
ଧରେ କେବେ ଭିକ ମୁଣି ।
ନୂଖୁରା ଅଲରା କେଶେ ଚିରା ଲୁଗା
ବାଉଁଶରାଣୀଟି ହୁଏ
ଦାମିକା ପୋଷାକେ ମୋ' ବୟସ ପିଲା
ସେବେଳେ ଚାହାଳି ଯାଏ ।
କେହି କେବେ ମୋତେ ଆଦରରେ ଥରେ
କହନ୍ତିନି ମିଠା କଥା
କୋଉ ବାବୁ ଭାଇ ଯତନ ପାଇ ମୁଁ
ପାରିଥାନ୍ତି ଟେକି ମଥା ।
ନିରିଦୟେ ପୁଣି ଦିଏ କିଏ ଠକି
ଖଟାଏ ବଳଠୁଁ ବେଶୀ
କେମିତି ଭାବିବି ଈଶ୍ୱର ସନ୍ତାନ
ଅଛି କିବା ମୋର ଖୁସି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା,*
*ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଭାରି ସରସ ଫଗୁଣ ମାସ

*ପ୍ରଶାନ୍ତ କୁମାର ଦାଶ*

ପବନ ଦୋଳିରେ ଝୁଲି ଝୁଲି ବାଣ୍ଟେ
ସଜଫୁଲ ତାର ବାସ
ଖସୁନି କାକର ରାତି ଆକାଶରୁ
ଭିଜୁନାହିଁ ଦୁବଘାସ ॥

ଆମ୍ବର ବଉଳ ଜନମନ ହରେ
ଉଡ଼ିଆସି ପ୍ରଜାପତି
ଫୁଲର ପିଠିରେ ବସି ଗେଲକରେ
ଆସିବା ଆଗରୁ ରାତି ॥

ଶୀତତ ନେଇଚି ମେଲାଣି ଧରାରୁ
ନାହିଁ ଶୀତ ଥଣ୍ଡା ଡର
ନିଦୁ ଉଠି ବୋଉ ସଫା କରିଦିଏ
ଶୀତ ନାହିଁ ବୋଲି ଘର ॥

ଫଗୁଣ ଆସିଛି ଆକାଶ ଦିଶୁଛି
ସଫା ନିରିମଳ ବେଶୀ
ଫୁଲର ଦେହରେ ନାଲି ନେଳି ରଙ୍ଗ
କିଏ ସେ ଦେଇଛି ନେସି ॥

ଆଗକୁତ ହେବ କେତେଯେ ପରବ
ମେଳଣ ମଉଜି ମେଳା
ରାଧା ଗୋବିନ୍ଦଯେ ବିମାନରେ ବସି
କରିବେତ ଲୀଳା ଖେଳା ॥

ଶୀତଠୁ ଫଗୁଣ ସରସ ହରଷ
ସଭିଙ୍କ ପରାଣେ ଦେବ
କ୍ଷେତ ଦେଇ ସୁନା ଫସଲ ସଭିଙ୍କ
ପେଟୁ ଭୋକ କାଢ଼ିନେବ ॥

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଶ୍ରେୟ ଓ ବଜେଟ୍



ନଗେନ୍ଦ୍ରନାଥ ପଟ୍ଟନାୟକ

କେନ୍ଦ୍ର ସରକାରଙ୍କ ବଜେଟ୍ ଆସିବା ଖବର ଶୁଣିକରି ଶ୍ରେୟ ମନରେ ପ୍ରଶ୍ନ ଉଠିଲା । ସେ ଜେଜେଙ୍କୁ ତୁହାକୁ ତୁହା ପ୍ରଶ୍ନମାନ ପଚାରିବାରେ ଲାଗିଲା । ଆଉ ଜେଜେବି ତା'ର ପ୍ରତିଟି ପ୍ରଶ୍ନର ଉତ୍ତର ଦେଉଥାନ୍ତି । ଶ୍ରେୟ କୌତୂହଳରେ ପଚରିଲା: ଆଚ୍ଛା ଜେଜେ ! ବଜେଟ୍‌ଟା କ'ଣ କହିଲ ? ଜେଜେ ନାଲି ପାନବସା ପାକୁଆ ଦାନ୍ତଟି ଦେଖାଇ ଟିକେ ହସିଦେଇ କହିଲେ- 'ଆରେ ନାତିଆ, ବଜେଟ୍‌ମାନେ ସରକାରଙ୍କ ଟଙ୍କା ପଇସାର ଆୟ-ବ୍ୟୟ ହିସାବ । ଫି ବରଷ କେନ୍ଦ୍ର ସରକାର କେତେ ଆୟ ହୋଇଚି ଆଉ କେତେ ଟଙ୍କା ଖର୍ଚ୍ଚ ହେବାର ଅଛି ସେ କଥା ଦେଶବାସୀଙ୍କୁ ବତେଇଥାନ୍ତି । ଯାକୁ ତୁ ଏମିତି ବୁଝିଗଲେ ଠିକ୍ ହେବ । ଧରି ନିଆଯାଉ, ତୋର ସାପ୍ତାହିକର ପକେଟ୍ ଟଙ୍କା ଅଶୀ ଟଙ୍କା । ତା'ମାନେ ତୋର ସାପ୍ତାହିକ ବଜେଟ୍ ହେଲା ଅଶୀ ଟଙ୍କା । ଏଇ ଅଶୀ ଟଙ୍କା ଭିତରୁ କିଛି ଟଙ୍କା ତୁ ନିଜ କୁମ୍ଭିରେ ଭର୍ତ୍ତିକଲୁ; ପୁଣି କିଛି ଟଙ୍କାରୁ ଚକୋଲେଟ୍ କିଣିଥିବୁ । ଏସବୁହେଲା ତୋର ଅଶୀ ଟଙ୍କାର ହିସାବ-ନିକାସ । ଏମିତି ହିସାବ-କିତାବ ସରକାର ସମଗ୍ର ଦେଶ ପାଇଁ ପ୍ରସ୍ତୁତ କରନ୍ତି । ଏକଥା ଶୁଣି କୌତୂହଳୀ ଶ୍ରେୟ ପୁଣି ପଚାରିଲା- 'ଆଚ୍ଛା ଜେଜେ ! ପାପା ତ ମତେ ପକେଟ୍ ଟଙ୍କା ଦିଅନ୍ତି; ସରକାରଙ୍କୁ କିଏ ପକେଟ୍ ମନି ଦେଇଥାଏ ? ଭଲ ପ୍ରଶ୍ନଟିଏ ପଚାରିଲୁ ନାତିଆ । ମନେରଖ, ସରକାରଙ୍କୁ କୁଆଡୁ ପକେଟ୍ ଟଙ୍କା ମିଳେନାହିଁ । ସରକାର ଏଥିରେ ଟିକସ ବସାନ୍ତି । ଏଇ ଯେମିତି ଆମେ ନୂଆ କପଡା କି ପୁଚୁପୁଚୁକା ଖେଳନା କିଣିଲାବେଳେ ତା'ର ଦାମ୍‌ରୁ ଏକ ଅଂଶ ସରକାରଙ୍କ ତହବିଲ୍‌କୁ ଯାଏ । ଏହାଛଡା, ରେଳସେବା, ବସ୍‌ସେବା, ସରକାରୀ କମ୍ପାନୀମାନଙ୍କ ଲାଭାଂଶ ଓ ସରକାରୀ ସମ୍ପତ୍ତିରୁ ଭଡାରୁ ଟଙ୍କା ପଇସା ଆସିଥାଏ । ଆବଶ୍ୟକ ପଡ଼ିଲେ ସରକାର ବ୍ୟାଙ୍କରୁ ମଧ ଋଣ ନେଇପାରନ୍ତି । ଶ୍ରେୟ ପୁଣି ଉତ୍କଣ୍ଠାରେ ପଚାରିଲା- ଜେଜେ ! ବଜେଟ୍ କିଏ ପ୍ରସ୍ତୁତ କରେ ? ତହୁଁ ଜେଜେ ତୁଣ୍ଡ ଖୋଲିଲେ- ନାତିଆ, ବଜେଟ୍ ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ପ୍ରସ୍ତୁତ କରନ୍ତି । ମନ୍ତ୍ରାଳୟଗୁଡିକ ସେମାନଙ୍କର କେତେ ଟଙ୍କା ଆବଶ୍ୟକ ପୃଥକ୍ ପୃଥକ୍ ଭାବେ ବତେଇଥାନ୍ତି । ତା'ଛଡା ଅର୍ଥଶାସ୍ତ୍ରବିତ୍ ଓ ଅଫିସରମାନେ ଦେଶର ଆୟ-ବ୍ୟୟର ହିସାବ ଦେଖନ୍ତି । ଶେଷକୁ ଦେଶର ବିତ୍ତମନ୍ତ୍ରୀ ସବୁକଥା ମିଶାଇ ବଜେଟ୍ ପ୍ରସ୍ତୁତ କରନ୍ତି । ଆଚ୍ଛା ଜେଜେ ! ବଜେଟ୍ କେବେ ପେଶ୍ କରାଯାଏ ? ଜେଜେ କହିଲେ ଏତେବେଳେ ଠିକ୍ ପ୍ରଶ୍ନଟିଏ ପଚାରିଲୁ । ଆରେ ପହିଲେ ଫେବୃୟାରୀ ମାସ ଶେଷଦିନ ପେଶ୍ କରାଯାଉଥିଲା, କିନ୍ତୁ ୨୦୧୭ ମସିହାରେ ସେଥିରେ ପରିବର୍ତ୍ତନ ଘଟିଲା । ଏବେ ଫି ବର୍ଷ ଫେବୃୟାରୀ ଏକ ତାରିଖରେ ପେଶ୍ କରାଯାଉଛି । ଆଉ ଗୋଟିଏ ମଜାଳିଆ କଥା ହେଉଛି, ସରକାରଙ୍କ ବର୍ଷାରମ୍ଭ ଆମ କ୍ୟାଲେଣ୍ଡର ଭଳି ଜାନୁୟାରୀରେ ଆରମ୍ଭ ହୋଇନଥାଏ; ବରଂ ଏପ୍ରିଲ ଏକ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୩୧ ତାରିଖ ଯାଏ ଚାଲିଥାଏ । ଆମେ ଯାକୁ ବିତ୍ତୀୟ ବରଷ ବୋଲି କହିଥାଉ । ଆଚ୍ଛା ଜେଜେ ବଜେଟ୍ କେଉଁଠି ପେଶ୍ କରାଯାଏ ? ଜେଜେ ଫିକ୍‌କିନା ହସିଦେଇ କିହଲେ- ଏଟା ଲୋକସଭାରେ ପେଶ୍ କରାଯାଏ । ଜେଜେ ଟିକେ ବଳିପଡି କହିଲେ- ସରକାରଙ୍କ ଟଙ୍କାର ବିନିଯୋଗ ଦେଶର ବିକାଶ ନିମନ୍ତେ କରାଯାଏ । ଏଇ ଯେମିତି ସ୍କୁଲ୍ କଲେଜ ନିର୍ମାଣ, ପାଠ୍ୟପୁସ୍ତକ ପ୍ରସ୍ତୁତି, ରାସ୍ତାଘାଟ ପୋଲ ନିର୍ମାଣ ମେଟ୍ରୋରେଲ୍, ଦେଶର ସେନାଙ୍କ ପାଇଁ ଅସ୍ତ୍ରଶସ୍ତ୍ର କିଣାଯିବା, ଗରିବଗୁରୁବାଙ୍କୁ ଶସ୍ତାରେ ଚାଉଳ ଡାଲି ଇତ୍ୟାଦି ଯୋଗାଇଦେବା ଇତ୍ୟାଦି ।

ଶ୍ରେୟ ଢିମାଢିମା ଆଖିକରି ଜେଜେଙ୍କ ତୁଣ୍ଡରୁ ସବୁକଥା ଏକଲୟରେ ଶୁଣୁଥାଏ । ଜେଜେ କହିଲେ- ଆରେ ତୁ ମତେ ବଲବଲ କରି ଚାହିଁଚୁ କ'ଣ ? ଶ୍ରେୟ ମୁଣ୍ଡ ଟୁଙ୍ଗାରି ଦେଇ କହିଲା- 'ହଁ ଜେଜେ ଏଥର ବଜେଟ୍ ବିଷୟରେ ସବୁକିଛି ବୁଝିଗଲି ।'

*ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାରସିଟି, ଲେନ୍‌ନଂ-୯, ପ୍ଲଟ୍ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ୍ ରୋଡ୍, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮୮*

# ଅଣ୍ଡର-୧୯ ବିଶ୍ୱକପ : ଆଫଗାନିସ୍ତାନକୁ ହରାଇ ଫାଇନାଲରେ ଭାରତ

**ନୂଆଦିଲ୍ଲୀ**

ଆଇସିସି ୧୯ ବର୍ଷରୁ କମ ବିଶ୍ୱକପ୍‌ରେ ଭାରତର ଦବଦବା ଜାରି ରହିଛି। ବୁଧବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତୀୟ ଦଳ ଆଫଗାନିସ୍ତାନକୁ ୭ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆରୋନ ଜର୍ଜଙ୍କ ଚମତ୍କାର ଶତକ ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ୩୧୧ ରନର ବିଶାଳ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଛି।

ଓପ୍‌ନର ଆରୋନ ଜର୍ଜ ୧୦୪ ବଲରୁ ୧୧୫ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଭାରତୀୟ ବିଜୟର ମୂଳଦୁଆ ପକାଇଥିଲେ। ତାଙ୍କ ଇନିଂସରେ ୧୩ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ଅନ୍ୟପଟେ ମାତ୍ର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୩୩ ବଲରୁ ୬୮ ରନ୍ ସଂଗ୍ରହ କରି ଆଫଗାନିସ୍ତାନ ବୋଲରଙ୍କୁ ନାକେଦମ କରିଥିଲେ। ସେ ମାତ୍ର ୨୪ ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଅଧିନାୟକ ଆୟୁଷ ମାତ୍ରେ ୬୨ ରନର ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳି ଦଳକୁ ଜିତାଇବାରେ ସାହାଯ୍ୟ କରିଥିଲେ।



୫ ଥରର ଚାମ୍ପିୟନ ଭାରତୀୟ ଦଳ ଆସନ୍ତା ଫେବୃୟାରୀ ୬ (ଶୁକ୍ରବାର) ହରାରେ ସ୍ପୋର୍ଟସ କ୍ଲବରେ ଇଂଲଣ୍ଡକୁ ଭେଟିବ। ଇଂଲଣ୍ଡ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ପହଞ୍ଚିଛି।

## ଭାରତରେ ହେବ ଏସୀୟ ସୁଟିଂ ଚାମ୍ପିୟନସିପ୍-୨୦୨୭



ନୂଆଦିଲ୍ଲୀ: ଏସୀୟ ସୁଟିଂ ଚାମ୍ପିୟନସିପ୍ ଆସନ୍ତା ବର୍ଷ ଦିଲ୍ଲୀରେ ଅନୁଷ୍ଠିତ ହେବ ବୋଲି ଭାରତୀୟ ଜାତୀୟ ରାଇଫଲ୍ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ତେବେ ଏହାର ତାରିଖ ଧାର୍ଯ୍ୟ କରାଯାଇନାହିଁ। ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ନିମନ୍ତେ ଯୋଗ୍ୟତା ହାସଲ କରିବାକୁ ଏଥିରେ ୮ଟି କୋଟା ରହିବ। ଏ ନେଇ ଏସୀୟ ସୁଟିଂ ମହାସଂଘ ପକ୍ଷରୁ ଭାରତୀୟ ଜାତୀୟ ରାଇଫଲ୍ ସଂଘର ସଭାପତି କଳିକେଶ ନାରାୟଣ ସିଂ ଦେଓଙ୍କୁ ଏକ ପତ୍ର ଲେଖି ନିଶ୍ଚିତ କରିଛନ୍ତି। ଏହା ମଧ୍ୟ ୨୦୨୮ ଅଲିମ୍ପିକ୍ସ ପାଇଁ ଭାରତରେ ଆୟୋଜିତ ଦ୍ୱିତୀୟ ସୁଟିଂ କ୍ୱାଲିଫାଇଙ୍ଗ୍ ପ୍ରତିଯୋଗିତା ହେବ। ଆସନ୍ତା ବର୍ଷ ମଧ୍ୟ ଭାରତରେ ରାଇଫଲ୍, ପିସ୍ତଲ୍ ଓ ସଟଗନ୍ ସୁଟରମାନଙ୍କ ପାଇଁ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ଶୃଙ୍ଖଳା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ମଧ୍ୟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ୧୨ଟି କୋଟା ରହିବ। ଏହି ପ୍ରତିଯୋଗିତା ୨୦୧୭ ଏପ୍ରିଲ ୨୧ରୁ ୩୦ ପର୍ଯ୍ୟନ୍ତ ଡ. କର୍ଣ୍ଣି ସିଂ ସୁଟିଂ ରେଞ୍ଜରେ ଅନୁଷ୍ଠିତ ହେବ। ଏ ସଂପର୍କରେ କଳିକେଶ କହିଛନ୍ତି ଯେ ଏହି ପ୍ରତିଯୋଗିତା ଭାରତୀୟ ସୁଟରମାନଙ୍କ ପାଇଁ ବେଶ ଉପଯୋଗୀ ହୋଇପାରିବ, କାରଣ ସେମାନେ ଘରୋଇ ମାଟିରେ ଏହି ଦୁଇଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଲିମ୍ପିକ୍ସ ଲାଗି କୋଟା ସ୍ଥାନ ଜିତିପାରିବେ। ଅଲିମ୍ପିକ୍ସ ତୀରନ୍ଦାଜି ପାଇଁ ଯୋଗ୍ୟତା ପ୍ରକ୍ରିୟା ଘୋଷଣା। ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ନିମନ୍ତେ ତୀରନ୍ଦାଜି ଇଭେଣ୍ଟ ପାଇଁ ଯୋଗ୍ୟତା ପ୍ରକ୍ରିୟା ଘୋଷଣା କରିଛି ବିଶ୍ୱ ତୀରନ୍ଦାଜ ମହାସଂଘ। ତୀରନ୍ଦାଜୀ ଇଭେଣ୍ଟ୍ ଅଧିନରେ ୬ଟି ବର୍ଗ ରହିବ ଓ ମୋଟ ୧୨୮ଟି କୋଟା ସ୍ଥାନ ରହିବ। ସେଗୁଡ଼ିକ ମଧ୍ୟରୁ ୬୪ଟି ମହିଳା ଓ ୬୪ଟି ପୁରୁଷଙ୍କ ପାଇଁ ରହିବ। ମହାସଂଘ ଅଧିନରେ ଅନ୍ତର୍ଜାତୀୟ ସ୍ତରରେ ଆୟୋଜନ କରାଯାଉଥିବା ବିଶ୍ୱ ତୀରନ୍ଦାଜି ଚାମ୍ପିୟନସିପ୍, କଣ୍ଟିନେଣ୍ଟାଲ୍ ଗେମ୍ସ ଆଦି ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ତୀରନ୍ଦାଜମାନେ ଯୋଗ୍ୟତା ଅର୍ଜନ କରିପାରିବେ।

## ହାତ ନାହିଁ ପାଦ ବି ନାହିଁ ହେଲେ ଧନୁ ଚାଳନାରେ ପାୟଲ ଜିତିଲେ ଡବଲ ମେଡ଼ାଲ୍

**ଭୁବନେଶ୍ୱର**
**ନ୍ୟୁଜ ବ୍ୟୁରୋ**



ଅସାଧାରଣ ସାହସ, ଦୃଢ଼ ସଂକଳ୍ପ ଏବଂ ଇଚ୍ଛାଶକ୍ତି ଆଣିଦେଲା ସଫଳତା। ପଞ୍ଜାବ ପଟିଆଲରେ ଅନୁଷ୍ଠିତ ସପ୍ତମ ଜାତୀୟ ପାରା ଆର୍ଚେରୀ ଚାମ୍ପିଅନସିପ୍ ?ରେ ଓଡ଼ିଶାର ପାୟଲ ନାଗ ଇତିହାସ ରଚିଛନ୍ତି। ପାରା ତୀରନ୍ଦାଜୀ ଚାମ୍ପିଅନସିପରେ ପାୟଲ ନାଗ ଦମଦାର ପ୍ରଦର୍ଶନ କରିଛନ୍ତି। ଡବଲ ପଦକ ବିଜୟୀ ହୋଇଛନ୍ତି। ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛନ୍ତି।

ରାଙ୍କିଙ୍ଗ ରାଉଣ୍ଡରେ ରୌପ୍ୟ ଏବଂ ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ପାୟଲ। ହାତ ନାହିଁ କିମ୍ବା ପାଦ ବି ନାହିଁ। ତଥାପି ସେ ଧନୁ ଧାରଣ କରି ଅଦ୍ଭୁତ ତୀର ଚାଳନା କରୁଛନ୍ତି। ତାଙ୍କ କୋଚ୍ କୁଳଦୀପ ବେଦୱାନ କହିଛନ୍ତି, 'କଠିନ ପରିଶ୍ରମ, ଦୃଢ଼ ଶୃଙ୍ଖଳା ଓ ଦୃଢ଼ ମନୋବଳ ହିଁ ତାଙ୍କୁ ସଫଳ କରାଇଛି।' ପାୟଲ ୫୦ ମିଟର ରାଙ୍କିଙ୍ଗ ରାଉଣ୍ଡରେ ରୌପ୍ୟ ପଦକ ଜିତିଛନ୍ତି। ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ ରାଉଣ୍ଡରେ କାଂସ୍ୟ ପଦକ ଜିତିଛନ୍ତି। ପାୟଲଙ୍କ ପ୍ରଦର୍ଶନ ବିଷୟରେ କହି ପ୍ରଶିକ୍ଷକ କୁଳଦୀପ ଭେଦୱାନ ଅତ୍ୟନ୍ତ ଗର୍ବ ପ୍ରକାଶ କରି କହି କହିଛନ୍ତି, ତାଙ୍କର ଦୃଢ଼ ନିଷ୍ପତ୍ତି, ଶୃଙ୍ଖଳା ଏବଂ ନିର୍ଭୀକ ମାନସିକତା ତାଙ୍କୁ ବିଶ୍ୱର ଖେଳାଳିମାନଙ୍କ ପାଇଁ ପ୍ରେରଣା ଦେଇଛି। ପାୟଲଙ୍କ ସଫଳତା ପ୍ରମାଣ କରେ ଯେ ପ୍ରକୃତ ସୀମା କେବଳ ମନରେ ଅଛି, ଶରୀରରେ ନୁହେଁ।

ପାୟଲ ପିଲାବେଳେ ବିଦ୍ୟୁତ୍ ଆଘାତରେ ଦୁଇ ହାତ ଏବଂ ଗୋଡ଼ ହରାଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ ଏବଂ ଚ୍ୟାଲେଞ୍ଜିଂ ଶାରୀରିକ ଅବସ୍ଥାର ସମ୍ମୁଖୀନ ହେବା ସତ୍ତ୍ୱେ, ପାୟଲ ସମ୍ଭବତଃ ବିଶ୍ୱର ଏକମାତ୍ର ପ୍ରତିଯୋଗିତାମୂଳକ ପାରା-ତୀରନ୍ଦାଜୀ ଯିଏ କୌଣସି ବିନା ଅଙ୍ଗରେ ଏହି ସ୍ତରରେ ପ୍ରଦର୍ଶନ କରିଛନ୍ତି। ଖେଳରେ ସ୍ଥିରତା ଏବଂ କ୍ଷମତାର ଅର୍ଥକୁ ପୁନଃପରିଭାଷିତ କରୁଛନ୍ତି। ଅସାଧାରଣସନ୍ତୁଳନ, ମାନସିକ ଏକାଗ୍ରତା ଏବଂ ତାଲିମ ମାଧ୍ୟମରେ ବିକଶିତ ଅନନ୍ୟ ସୁଟିଂ କୌଶଳ ବ୍ୟବହାର କରି, ପାୟଲ ପାରାଅଲିମ୍ପିକ୍ ପଦକ ବିଜେତା ଏବଂ ଅର୍ଜୁନ ପୁରସ୍କାର ବିଜେତାଙ୍କ ସମେତ ଉଚ୍ଚ ପାରା-ତୀରନ୍ଦାଜୀଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ପ୍ରତିଯୋଗିତା କରନ୍ତି। ଜାତୀୟ ଚାମ୍ପିଅନସିପରେ ପାୟଲଙ୍କ ପ୍ରଦର୍ଶନ ତାଙ୍କୁ କେବଳ ପଦକ ଆଣି ନଥିଲା ବରଂ ଅସୀମ ସମ୍ଭାବନାର ପ୍ରତୀକ ଭାବରେ ମଧ୍ୟ ପ୍ରତିଷ୍ଠା କରି।

# ବିକଶିତ ଭାରତ ନିର୍ମାତାଙ୍କ ଭବିଷ୍ୟତ ଗଠନ



**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଚଳିତ ବର୍ଷ ପରୀକ୍ଷା ପେ ଚର୍ଚ୍ଚାର ଆୟୋଜନ ଭାରତର ଶିକ୍ଷା ଯାତ୍ରାରେ ଶାନ୍ତ କିନ୍ତୁ ନିର୍ଣ୍ଣାୟକ ପରିବର୍ତ୍ତନକୁ ରେଖାଙ୍କିତ କରିଥାଏ। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପରିକଳ୍ପିତ ଏହି ପ୍ରୟାସ, ୨୦୧୮ରେ ଗୋଟିଏ ବାର୍ଷିକ ଚର୍ଚ୍ଚା କାର୍ଯ୍ୟକ୍ରମ ରୂପେ ଆରମ୍ଭ ହୋଇଥିଲା। ଆଜି ଏହା ସ୍ୱାଭାବିକ ଭାବେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇସାରିଛି। ବର୍ତ୍ତମାନ ଏହା ଦେଶବ୍ୟାପୀ ସାମୂହିକ ପ୍ରୟାସ ପାଲଟିଛି, ଯେଉଁଥିରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ କଲ୍ୟାଣକୁ କେନ୍ଦ୍ରରେ ରଖାଯାଇଛି ଏବଂ ମାତାପିତା ଏବଂ ଶିକ୍ଷକ ଏହି ସହଭାଗୀ ଉତ୍ତରଦାୟିତ୍ୱରେ ସକ୍ରିୟ ଅଂଶୀଦାର ମଧ୍ୟ ହୋଇପାରିଛନ୍ତି।

ଚଳିତ ବର୍ଷ ଅଂଶଗ୍ରହଣର ବ୍ୟାପକତା ଏହି କାର୍ଯ୍ୟକ୍ରମର ଗଭୀରତାକୁ ପ୍ରତିଫଳିତ କରୁଛି। ସାଢ଼େ ୪ କୋଟିରୁ ଅଧିକ ପଞ୍ଜୀକରଣ ସହିତ, ପରୀକ୍ଷା ପେ ଚର୍ଚ୍ଚା ପୂର୍ବ ଗିନିଜ୍ ବିଶ୍ୱ ରେକର୍ଡକୁ ଅତିକ୍ରମ କରିଛି। ଏହା ଲୋକ ସମ୍ପର୍କ ଠାରୁ ଆଗକୁ ବଢ଼ି ସାମୂହିକ ଗୁରୁଦାୟିତ୍ୱର ଏକ ମହତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରିଛି। ଏହି ଅଭୂତପୂର୍ବ ଅଂଶଗ୍ରହଣ ଏକ ସକ୍ଷମ ପରିବେଶ ସୃଷ୍ଟି କରିବାର ଏକ ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରିଥାଏ ଯେଉଁଠାରେ ପ୍ରତ୍ୟେକ ପିଲା ଶିଖିପାରିବେ, ବିକଶିତ ହୋଇପାରିବେ ଏବଂ ପ୍ରକୃତରେ ଉନ୍ନତି କରିପାରିବ।

ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ନେତୃତ୍ୱ ଶିକ୍ଷା, ଅଧ୍ୟୟନ ଏବଂ ପରୀକ୍ଷା ସମ୍ବନ୍ଧୀୟ ଚାପ ଭଳି ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମତ ବିନିମୟ ସହାନୁଭୂତି, ବ୍ୟବହାରିକତା ଏବଂ ପ୍ରେରଣାଦାୟୀ ନେତୃତ୍ୱର ଏକ ଅନନ୍ୟ ମିଶ୍ରଣକୁ ପ୍ରଦର୍ଶନ କରେ। ସରଳତା, ଶୃଙ୍ଖଳା, ଆଶାବାଦ ଏବଂ ମାନବୀୟ ସମ୍ଭାବନା ପ୍ରତି ଗଭୀର ବିଶ୍ୱାସରେ ପରିପୂର୍ଣ୍ଣ ତାଙ୍କର ବ୍ୟକ୍ତିତ୍ୱ ଲକ୍ଷ ଲକ୍ଷ ପିଲାଙ୍କ ଉପରେ ଗଭୀର ଏବଂ ସ୍ଥାୟୀ ପ୍ରଭାବ ପକାଇଛି। ପ୍ରଧାନମନ୍ତ୍ରୀ ଔପଚାରିକ ନିୟମ ଓ ବ୍ୟବସ୍ଥାଗତ ଜଟିଳତାକୁ ଅତିକ୍ରମ କରି ଜଣେ ମାର୍ଗଦର୍ଶକ, ପରାମର୍ଶଦାତା ଏବଂ ଶୁଭେଚ୍ଛୁ ଭାବରେ ଛାତ୍ରଛାତ୍ରୀଙ୍କ ସହିତ ସହଜରେ ସମ୍ପର୍କ ସ୍ଥାପନ କରିଥା'ନ୍ତି। ଏହି ସହଜାତ କ୍ଷମତା ତାଙ୍କୁ ଭିନ୍ନ କରିଥାଏ। ତାଙ୍କର କଥାବାର୍ତ୍ତା, ବର୍ଣ୍ଣନା ଏବଂ ଆତ୍ମୀୟ ଭାବନା ଛାତ୍ରଛାତ୍ରୀଙ୍କୁ ଏହା ଅନୁଭବ କରାଇଥାଏ ଯେ ସେମାନଙ୍କ କଥାକୁ କେହି ଜଣେ ଶୁଣୁଛନ୍ତି ଏବଂ ବୁଝୁଛନ୍ତି। ସେ ଉଦାରତା, ହାସ୍ୟପୂର୍ଣ୍ଣ ଏବଂ ସତ୍ୟତା ଭାବନା ନେଇ କଥାବାର୍ତ୍ତା କରନ୍ତି। ପ୍ରାୟତଃ ଧୈର୍ଯ୍ୟ, ଧ୍ୟାନ ଏବଂ ଆତ୍ମବିଶ୍ୱାସ ଭଳି ବ୍ୟାପକ ଜୀବନ ମୂଲ୍ୟବୋଧକୁ ଦର୍ଶାଇବା ପାଇଁ ସେ ନିଜ ଜୀବନ ଅଭିଜ୍ଞତାରୁ କେତେକ ଉଦାହରଣ ଦେଇଥା'ନ୍ତି। ଏହି ବ୍ୟକ୍ତିଗତ ସ୍ପର୍ଶ ପରୀକ୍ଷା ସମ୍ବନ୍ଧୀୟ ଚାପକୁ କମ କରିବା ସହିତ ଏକ ଆଶ୍ୱାସନାପୂର୍ଣ୍ଣ ଏବଂ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ ଯେଉଁଠାରେ ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ ସହିତ ଶିଖିବା ଏବଂ ଅଗ୍ରଗତି କରିବାକୁ ପ୍ରେରଣା ପାଆନ୍ତି।

ପ୍ରତ୍ୟେକ ପିଲାର ସ୍ୱତନ୍ତ୍ରତାକୁ ପରିଚୟ ଏହି ପ୍ରୟାସର ମୂଳରେ ଏକ ସରଳ କିନ୍ତୁ ଗଭୀର ଶକ୍ତିଶାଳୀ ସତ୍ୟ ରହିଛି: ପ୍ରତ୍ୟେକ ପିଲା ଅନନ୍ୟ। ପ୍ରତ୍ୟେକ ପିଲା ଭିନ୍ନ ଭାବରେ ଶିଖେ, ନିଜ ଗତିରେ ଅଗ୍ରଗତି କରେ, ଏବଂ ଏପରି ପ୍ରତିଭା ଧାରଣ କରିଥାଏ ଯାହାକୁ ନମ୍ବର କିମ୍ବା ରେଙ୍କ ମଧ୍ୟରେ ସୀମିତ କରାଯାଇପାରିବ ନାହିଁ।

ପରୀକ୍ଷାଗୁଡ଼ିକ ନିଜ ସ୍ୱଭାବ ଅନୁସାରେ, ପିଲାଟିର ସମ୍ଭାବନାର କେବଳ ଏକ ସୀମିତ ଦିଗକୁ ପ୍ରତିଫଳିତ କରେ। ଏକ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ ମାଧ୍ୟମରେ ପ୍ରକୃତ ସୃଜନଶୀଳତା ଏବଂ ଉତ୍କର୍ଷତା ବିକଶିତ ହୁଏ। ଗୋଟିଏ ପିଲା ଗଣିତରେ ଉତ୍କର୍ଷ ହାସଲ କରିପାରେ, ଅନ୍ୟ ଜଣଙ୍କର କଳାତ୍ମକ କଳ୍ପନାଶକ୍ତି ଥାଇପାରେ, ଏବଂ ଆଉ କାହା ପାଖରେ ଦୟାଳୁ, ସମ୍ବେଦନଶୀଳ ଡାକ୍ତର ହେବାର ସମ୍ଭାବନା ଥାଇପାରେ। ଏହି ପାର୍ଥକ୍ୟଗୁଡ଼ିକ ଏକ ସୀମା ନୁହେଁ; ବରଂ ଏଗୁଡ଼ିକ ଏକ ବିବିଧ, ସଶକ୍ତ ଏବଂ ଉଦ୍ଭାବନଶୀଳ ସମାଜର ମୂଳଦୁଆ।

ଜାତୀୟ ଶିକ୍ଷା ନୀତି-୨୦୨୦ ଦର୍ଶନର ପ୍ରତିଫଳନ

ଏହି ଦର୍ଶନ ଜାତୀୟ ଶିକ୍ଷା ନୀତି ୨୦୨୦ର ମୂଳରେ ରହିଛି। ଏହାର ଢାଞ୍ଚା ମଧ୍ୟରେ ଶିକ୍ଷାଦାନ ପଦ୍ଧତି, ପାଠ୍ୟକ୍ରମ ଏବଂ ମୂଲ୍ୟାଙ୍କନ ପ୍ରଣାଳୀକୁ ଏକ ପ୍ରକୃତ ଶିଶୁ-କେନ୍ଦ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରିବା ପାଇଁ ପୁନଃଗଠିତ କରାଯାଉଛି, ଯେଉଁଠାରେ ଶୈକ୍ଷିକ ଅଧ୍ୟୟନ ସହିତ, ସୃଜନଶୀଳତା, ବିଶ୍ଳେଷଣାତ୍ମକ ଚିନ୍ତାଧାରା, ଭାବଗତ ବୁଦ୍ଧିମତ୍ତା, ଶାରୀରିକ ସ୍ୱାସ୍ଥ୍ୟ ଏବଂ ନୈତିକ ମୂଲ୍ୟବୋଧର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପ୍ରାରମ୍ଭିକ ବର୍ଷଗୁଡ଼ିକରେ କ୍ରୀଡ଼ା ଭିତ୍ତିକ ଶିକ୍ଷା ଉପରେ ଏହାର ଗୁରୁତ୍ୱ ଏହି ସତ୍ୟକୁ ସ୍ୱୀକାର କରେ ଯେ ଜିଜ୍ଞାସା ଏବଂ ଆନନ୍ଦ ଜୀବନବ୍ୟାପୀ ଶିକ୍ଷାର ସବୁଠାରୁ ଶକ୍ତିଶାଳୀ ମୂଳଦୁଆ। ଶିକ୍ଷାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମାତୃଭାଷାରେ ଶିକ୍ଷା ଦାନ କରିବାର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ଅବଧାରଣାଗୁଡ଼ିକ ବିଷୟରେ ଭଲ ବୁଝାମଣା ପ୍ରଦାନ କରିବା। ଅନ୍ୟପକ୍ଷରେ ବହୁଭାଷୀ ଶିକ୍ଷା ଉପରେ ଗୁରୁତ୍ୱ ଏପରି ଏକ ପିଢ଼ି ସୃଷ୍ଟି କରିବାର ପରିକଳ୍ପନା କରିଥାଏ ଯାହା ନିଜର ସାଂସ୍କୃତିକ ଓ ଭାଷାଗତ ଆଧାର ପ୍ରତି ଆତ୍ମବିଶ୍ୱାସୀ ଏବଂ ବିଶ୍ୱ ସ୍ତରରେ ଭାରତୀୟ ଜ୍ଞାନ ପରମ୍ପରାକୁ ଆଗକୁ ବହନ କରିବାକୁ ସକ୍ଷମ ହୋଇଥିବ।

ମୂଲ୍ୟାଙ୍କନ ସଂସ୍କାର ମଧ୍ୟ ଏହି ଉଦ୍ଦେଶ୍ୟକୁ ପ୍ରତିଫଳିତ କରେ। ପ୍ରଥମ ଥର, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଏବେ ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ, ଯାହା ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ଅଧିକ ନମନୀୟତା ପ୍ରଦାନ କରିବ ଏବଂ ଏକ ଗୋଟିଏ ପରୀକ୍ଷା ଜନିତ ଚାପକୁ ହ୍ରାସ କରିବ। ୩୬୦-ଡିଗ୍ରୀ ସାମଗ୍ରିକ ପ୍ରଗତି କାର୍ଡ କାର୍ଯ୍ୟକାରୀ କରାଯାଇଛି, ଯାହା କେବଳ ପିଲାଙ୍କ ଶୈକ୍ଷିକ ସଫଳତାକୁ ମୂଲ୍ୟାଙ୍କନ କରେ ନାହିଁ ବରଂ ସେମାନଙ୍କର ସାମାଜିକ-ଭାବଗତ ଏବଂ ଶାରୀରିକ ବିକାଶକୁ ମଧ୍ୟ ବ୍ୟାପକ ଭାବରେ କଏଦ କରେ। ସୁସ୍ଥତା ଶିକ୍ଷାର ଅବିଚ୍ଛେଦ୍ୟ ଅଂଶ ବୋଲି ସ୍ୱୀକାର କରି, ପ୍ରତ୍ୟେକ ସିବିଏସଇ ବିଦ୍ୟାଳୟ ସାମାଜିକ-ଭାବଗତ ପରାମର୍ଶଦାତାଙ୍କ ନିଯୁକ୍ତିକୁ ବାଧ୍ୟତାମୂଳକ କରିଛି। ଏମାନେ ଶୈକ୍ଷିକ ଏବଂ ଭାବପ୍ରବଣ ଚାପ ପରିଚାଳନାରେ ଛାତ୍ରଛାତ୍ରୀଙ୍କୁ ନିରନ୍ତର ସହାୟତା ପ୍ରଦାନ କରିବେ। ଶେଷରେ, ଆମର ଦାୟିତ୍ୱ ସ୍ପଷ୍ଟ - ଆମେ ପିଲାମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଛାଞ୍ଚରେ ଫିଟ୍ ହେବାକୁ ବାଧ୍ୟ କରିବା ଉଚିତ୍ ନୁହେଁ, ବରଂ ପ୍ରତ୍ୟେକ ପିଲାର ଅନନ୍ୟ କ୍ଷମତାକୁ ଚିହ୍ନିବା, ସମର୍ଥନ କରିବା ଏବଂ ଦୃଢ଼ କରିବା ଉଚିତ୍।

ସାମଗ୍ରିକ ଶିକ୍ଷା – ମୁଖ୍ୟ କେନ୍ଦ୍ର ବିନ୍ଦୁ

ଆଜିର ଶିକ୍ଷା ଆଉ କେବଳ ପାଠ୍ୟପୁସ୍ତକ, ପରୀକ୍ଷା ଏବଂ ଘୋଷା ପାଠ ମଧ୍ୟରେ ସୀମିତ ନୁହେଁ। ସାମଗ୍ରିକ ଶିକ୍ଷା ଉପରେ ସ୍ପଷ୍ଟ ଧ୍ୟାନ ଦିଆଯାଉଛି। କେବଳ ଶିକ୍ଷାଗତ ଉତ୍କର୍ଷତା ଛାତ୍ରଛାତ୍ରୀଙ୍କୁ ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ ପ୍ରସ୍ତୁତ କରିପାରିବ ନାହିଁ ବୋଲି ସମସ୍ତେ ବୁଝିଲେଣି। ପିଲାମାନେ ଚିନ୍ତା, ଭୟ କିମ୍ବା ଭାବନାତ୍ମକ ଚାପର ବୋଝରେ ଫଳପ୍ରଦ ଭାବରେ ଶିଖିପାରିବେ ନାହିଁ। ଭାରତର ସଭ୍ୟତାଗତ ପରମ୍ପରା ଏହି ପରିସ୍ଥିତିର ସମାଧାନ ପାଇଁ ଦୀର୍ଘସ୍ଥାୟୀ ଉପକରଣ ପ୍ରଦାନ କରିଥାଏ, ଯଥା ସଚେତନତା ବା ମାଇଣ୍ଡଫୁଲନେସ୍, ପ୍ରାଣାୟାମ ଏବଂ ଯୋଗ। ଏହି ଅଭ୍ୟାସଗୁଡ଼ିକ ପିଲାମାନଙ୍କୁ ସେମାନଙ୍କର ଭାବନାକୁ ଭଲ ଭାବରେ ବୁଝିବାରେ ଏବଂ ଏକାଗ୍ରତା, ଶାନ୍ତି ଏବଂ ସ୍ଥିରତା ଆଣିବାରେ ସାହାଯ୍ୟ କରିବ। ପରୀକ୍ଷା ପ୍ରସ୍ତୁତିରେ ସହାୟତା କରିବା ସହିତ ଏହି ଅଭ୍ୟାସଗୁଡ଼ିକ ଶ୍ରେଣୀଗୃହ ବାହାରେ ବିସ୍ତାରିତ ଜୀବନ କୌଶଳ ବିକଶିତ କରେ। ଏହାସହିତ ଶିକ୍ଷାଗତ ଜ୍ଞାନ ସହିତ ଭାବଗତ ବୁଦ୍ଧିମତ୍ତା, ପ୍ରକୃତି ସହ ସନ୍ତୁଳନ ଏବଂ ଆଭ୍ୟନ୍ତରୀଣ ସଚେତନତାକୁ ବୃଦ୍ଧି କରେ।

ଆହ୍ୱାନର ସମାଧାନ

ତଥାପି, ଆମେ ଏକ ଭିନ୍ନ ଆଧୁନିକ ଆହ୍ୱାନର ସମ୍ମୁଖୀନ ହେଉଛୁ - ଅତ୍ୟଧିକ ଡିଜିଟାଲ୍ ଉପଯୋଗ ଏବଂ ସ୍କ୍ରିନ୍ ସମୟ। ଡିଜିଟାଲ୍ ଡିଭାଇସ୍ ସହିତ ଦୀର୍ଘ ସମୟ ଧରି ରହିବା ଧ୍ୟାନର କ୍ଷମତାକୁ ହ୍ରାସ କରେ, ନିଦରେ ବାଧା ସୃଷ୍ଟି କରେ ଏବଂ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। କ୍ରମାଗତ କନେକ୍ଟିଭିଟି, ଅନଲାଇନ୍ ତୁଳନା ଏବଂ ଅତ୍ୟଧିକ ଡିଜିଟାଲ୍ ଉତ୍ତେଜନାର ଚାପ ପ୍ରାୟତଃ ପରୀକ୍ଷା ଚାପକୁ ବଢ଼ାଇଥାଏ ଏବଂ ଆମେ ପିଲାମାନଙ୍କ ମଧ୍ୟରେ ବିକଶିତ କରିବାକୁ ଚାହୁଁଥିବା ସଚେତନତାକୁ ଦୁର୍ବଳ ହୋଇଥାଏ। ଏହିଠାରେ ପିତାମାତା ଏବଂ ଶିକ୍ଷକମାନେ ଏକ ଭୂମିକା ଗ୍ରହଣ କରିପାରିବେ। ଡିଭାଇସ୍ ବ୍ୟବହାରରେ ନିରାପଦ ସୀମା ସ୍ଥିର କରି, ଶାରୀରିକ ଗତିବିଧି, ସୃଜନଶୀଳ ପ୍ରୟାସ ଏବଂ ପାରିବାରିକ ଆଲୋଚନା ଭଳି ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରି ଆମେ ସନ୍ତୁଳନକୁ ପୁନଃସ୍ଥାପିତ କରିପାରିବା।

ଛାତ୍ରଛାତ୍ରୀ – ପ୍ରଗତିର ଅଗ୍ରଦୂତ

ବିକଶିତ ଭାରତ ପାଇଁ ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଅତ୍ୟାବଶ୍ୟକ। ଯେତେବେଳେ ପିଲାମାନେ ସେମାନଙ୍କର ଅନନ୍ୟ କ୍ଷମତାକୁ ଆବିଷ୍କାର ଏବଂ ବିକାଶ କରିବାକୁ ସ୍ୱାଧୀନ ହୋଇଥା'ନ୍ତି, ସେତେବେଳେ ଦେଶ ସୃଜନଶୀଳତା, ସମାବେଶ ଏବଂ ସାମୂହିକ ପ୍ରଗତି ମାଧ୍ୟମରେ ଅଗ୍ରଗତି କରେ।

କୃତ୍ରିମ ବୁଦ୍ଧିମତାର ଏହି ଯୁଗରେ ଜିଜ୍ଞାସା ଏବଂ ସମସ୍ୟା ସମାଧାନ ମଧ୍ୟରେ ବ୍ୟବଧାନ ହ୍ରାସ ପାଇଛି। ଶିକ୍ଷକ, ପିତାମାତା ଏବଂ ଅଭିଭାବକ ଭାବରେ, ଆମ ପାଇଁ ଏହା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ଯେ ପିଲାମାନେ ଏହି ଅନୁସନ୍ଧାନକୁ ଆଗକୁ ନେବା ପାଇଁ ସଶକ୍ତ ହେବା ଆବଶ୍ୟକ। ଏଥିପାଇଁ ପିଲାମାନଙ୍କୁ ସଠିକ୍ ଉପକରଣ, ସ୍ପଷ୍ଟ ସୁରକ୍ଷା ଏବଂ ସ୍ଥିର ମାର୍ଗଦର୍ଶନ ଏବଂ ସମର୍ଥନ ପ୍ରଦାନ କରିବା ଆବଶ୍ୟକ। ସେମାନଙ୍କୁ ପରୀକ୍ଷଣ, ନୂତନ ଉଦ୍ଭାବନ ଏବଂ ବିଫଳ ହେବାର ସ୍ୱାଧୀନତା ମଧ୍ୟ ଦିଆଯିବା ଉଚିତ୍। ଆଜିର ପିଲାମାନେ ଏକ ବିକଶିତ ଭାରତ ୨୦୪୭ର ଅଗ୍ରଦୂତ ଅଟନ୍ତି। ଯେଉଁ ପିଲାମାନେ ନିର୍ଭୀକ ଭାବରେ ଶିଖନ୍ତି, ଆତ୍ମବିଶ୍ୱାସର ସହିତ ନୂଆ ଉଦ୍ଭାବନ କରନ୍ତି ଏବଂ ନିଜର ସାଂସ୍କୃତିକ ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହି ବିଶ୍ୱ ସହିତ ଯୋଡ଼ି ହୁଅନ୍ତି, ସେମାନେ ଆଜି ଏକ ବିକଶିତ ଭାରତ ନିର୍ମାଣ କରୁଛନ୍ତି। ଏପରି ପିଲାମାନଙ୍କୁ ଏକ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ସମର୍ଥନ କରାଯିବା ଉଚିତ ଯାହା ମନ, ହୃଦୟ ଏବଂ ହାତ ତିନୋଟିର ବିକାଶ ଉପରେ ଧ୍ୟାନ ଦିଏ। ଏପରି ଏକ ବ୍ୟବସ୍ଥା ଯାହା ପ୍ରତିଭାକୁ ସମ୍ମାନ ଦେଉଥିବ, ଉଦ୍ଦେଶ୍ୟକୁ ପୋଷଣ କରୁଥିବ ଏବଂ ସେମାନଙ୍କୁ ଅର୍ଥପୂର୍ଣ୍ଣ ଜୀବନ ପାଇଁ ପ୍ରସ୍ତୁତ କରୁଥିବ। ଏହା ହିଁ ହେଉଛି ପରୀକ୍ଷା ପେ ଚର୍ଚ୍ଚାର ଭାବନା : ପିଲାମାନଙ୍କୁ ଭୟରୁ ମୁକ୍ତ କରିବା ଏବଂ ସେମାନଙ୍କୁ ବିକଶିତ ଭାରତ ୨୦୪୭ ପାଇଁ ଆତ୍ମବିଶ୍ୱାସୀ ନାଗରିକ ଭାବେ ଗଢ଼ିବା।

## ଆଇସିସି ର୍‍ୟାଙ୍କିଂ : ୩୨ ଖେଳାଳିଙ୍କୁ ପଛରେ ପକାଇଲେ ଇଶାନ କିଷନ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ପୂର୍ବରୁ ଇଶାନ କିଷନଙ୍କ ପାଇଁ ଖୁସି ଖବର। ଆଇସିସି ରାଙ୍କିଂରେ ମାରିଲେ ବଡ଼ ଲମ୍ଫ। ସିଧା ୩୨ ଜଣ ଖେଳାଳିଙ୍କୁ ପଛରେ ପକାଇଛନ୍ତି ଏହି ବାମହାତୀ ବ୍ୟାଟ୍ସମ୍ୟାନ। ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଦୀର୍ଘଦିନ ପରେ ଦଳକୁ ଫେରିଥିଲେ। ଏହି ସିରିଜରେ ଦମଦାର ପ୍ରଦର୍ଶନ କରିଥିଲେ। ଶତକୀୟ ପାଳି ଖେଳି ଦଳକୁ ଖାଲି ବିଜୟ କରାଇନଥିଲେ। ବରଂ ଏହି ସିରିଜର ନିଜର ବଳିଷ୍ଠ ପ୍ରଦର୍ଶନ ପାଇଁ ଆଇସିସି ରାଙ୍କିଂରେ ଉନ୍ନତି କରିଛନ୍ତି। ସେ ୩୨ ଜଣଙ୍କୁ ପଛରେ ପକାଇ ଏବେ ୩୨ ନମ୍ବର ସ୍ଥାନରେ ରହିଛନ୍ତି। ସେପଟେ ଅନ୍ୟ ଭାରତୀୟ ଖେଳାଳିଙ୍କ କଥା ଯଦି କହିବା ତାହେଲେ ଅଭିଶେକ ଶର୍ମା ଏବେ ମଧ୍ୟ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସୂର୍ଯ୍ୟକୁମାର ଯାଦବ ଦମଦାର ପ୍ରଦର୍ଶନ କରିଥିଲେ। ସେ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି। ପୂର୍ବରୁ ସପ୍ତମ ସ୍ଥାନରେ ରହିଥିଲେ। ମାତ୍ର ଏବେ ସେ ଷଷ୍ଠ ସ୍ଥାନକୁ ଉଠିଛନ୍ତି। ସେପଟେ ଶିଭମ ଦୁବେ ୧୭ ଜଣଙ୍କୁ ପଛରେ ପକାଇ ଏବେ ୪୧ ନମ୍ବରରେ ରହିଛନ୍ତି। ସବୁଠାରୁ ଅଧିକ କ୍ଷତି ସହିଛନ୍ତି ସଞ୍ଜୁ ସମାସନ। ସମ୍ପୂର୍ଣ୍ଣ ସିରିଜରେ ଫ୍ଲପ ହୋଇଥିବା ଏହି ୱିକେଟ କିପର ବ୍ୟାଟ୍ସମ୍ୟାନ ଏବେ ୫୬ ନମ୍ବର ସ୍ଥାନକୁ ଖସି ଯାଇଛନ୍ତି। ତିଲକ ବର୍ମାଙ୍କ କଥା ଯଦି କହିବା ତାହେଲେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଆହତ କାରଣରୁ ଖେଳିବାର ସୁଯୋଗ ପାଇନଥିଲେ। ଏବେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି। ବୋଲରଙ୍କ କଥା ଯଦି ବିଚାରକୁ ନେବା ତାହେଲେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏବେ ଶୀର୍ଷ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ରହିଥିବା ପାକିସ୍ତାନୀ ସ୍ପିନର ଅବରାର ଅହମ୍ମଦଙ୍କ ଠାରୁ ୨୮ ପଏଣ୍ଟ ଅଧିକ ରହିଛନ୍ତି। ଆଗକୁ ଟି-୨୦ ବିଶ୍ୱକପ ଆସୁଥିବାବେଳେ ଏହି ପଏଣ୍ଟ ଖେଳାଳିଙ୍କ ଉପରେ ମଧ୍ୟ ପ୍ରଭାବ ପକାଇବ। ଭାରତୀୟ ଖେଳାଳିମାନେ ଏବେ ଦମଦାର ଫର୍ମରେ ରହିଥିବାବେଳେ ବିଶ୍ୱକପର ପ୍ରମୁଖ ଦାବିଦାର ହେବ ବୋଲି ଆଶା କରାଯାଉଛି।

OFFICE OF THE SUPERINTENDING ENGINEER
ELECTRICAL CIRCLE (R&B)
NIRMAN SOUDHA BHUBANESWAR
E-mail seec.bbsr2010@gmail.com
Bid Identification No.S.E.E.C (R&B) 30/2025-26
The No 350 / Date: 02/02/2026

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.07.02.2026 at 05.00 P.M. to dt.21.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.21.02.2026 at 05.30 P.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Superintending Engineer
Electrical Circle (R&B)
Odisha, BBSR

OIPR : 34001/16/2526

OFFICE OF THE NOTIFIED AREA COUNCIL, BANPUR
Bid Reference No: E.O-N.A.C-BNR- 02/2025-26
Tender Call Notice No 156 /Dt. 22/ 01/ 26/

The Executive Officer on behalf of Banpur NAC invites percentage basis tender from the registered contractors in offline.

1. Type of Works : Civil construction works as in the D.T.C.N
2. Total No. of works : As per DTCN
3. Tender Amount Cost : As per DTCN
4. Period of Completion : 60 days
5. Date and time of availability of Bid Documents in the office : From 11.00 A.M. of Dt. 04.02.2026 to 5.00 P.M. of Dt. 11.02.2026.
6. Date and time for submission of Original documents in office : 12.02.2026 at 11.00 A.M to 1.00 P.M.
7. Date & Time of Opening of Tender: Dt 12.02.2026 at 3.00 P.M.

Further amendments, corrigendum or other communication regarding this letter will be available by office notice and print media.

Sd/-
Executive Officer
Banpur, NAC

OIPR : 13001 / 20 / 2526

OFFICE OF THE GENERAL MANAGER, WATCO DIVISION, BERHAMPUR
e-mail:gmwatcobam@gmail.com / Ph No. 06802233978
Government of Odisha "e" Procurement Notice
NATIONAL COMPETITIVE BIDDING
Bid Identification No. WATCOBAM-24/2025-26 DTD. 30.01.2026

1. Name of work : Upliftment of PLC units to safeguard the same against water logging.
2. Estimated cost : 7.90 Lakh (appox.)
3. Period completion: 45 Days.
4. Date & Time of availability of bid document in the Portal: From 11.00 Hrs. of Dt. 06.02.2026. To 17.30 Hrs. of Dt. 17.02.2026.
5. Last date / Time for Bidding in the Portal: 17.30 Hrs. of Dt. 17.02.2026.
6. Date of opening of Tender: On Dt. 18.02.2026 at 11.00Hrs.
7. Name and address of the Officer inviting tender: General Manager, WATCO Division, Berhampur.

Further details can be seen from the e-procurement Portal: https://tendersodisha.gov.in .

Sd/- General Manager
WATCO Division, Berhampur

OIPR : 13001/20/2526

OFFICE OF THE SUPERINTENDING ENGINEER,
MINOR IRRIGATION DIVISION, BALASORE.
No. 254 Dt. 31.01.2026
'e' Procurement Notice
BID IDENTIFICATION No. SEMIDBLS-11/2025-26
e-mail ID: mibalasore@yahoo.co.in

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (Single cover) for the works as detailed in the Annexure to this bid notice.

| | |
|---|---|
| Name of the work: | Construction and Improvement of Check Dams in different Blocks of Balasore & Bhadrak District under MATY Scheme for the year 2025-26. |
| No. of Works: | 06 (Six) Nos. only |
| Estimated Cost: | Varies from Rs.1.43 lakh to Rs.49.22 lakh (Approximately) |
| Cost of Tender Paper: | As Mentioned against Work |
| Period of Completion: | As Mentioned against Work |
| Availability of bid documents for sale and receipt through on-line | From dt. 05.02.2026, 10.00 A.M, to dt. 16.02.2026, up to 5.00 P.M. |
| Last date / time of receipt of bids in the portal | 16.02.2026 (5.00PM) |
| Date of opening of technical bid through online | On dt. 17.02.2026 at 11.00 A.M in the Office of the S.E, M.I. Division, Balasore. |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC). Of class-II Or Class-III |
| The detail tender call notice can also be seen in the DOWR web site http:/dowrorissa.gov.in | |
| Name & Address of the DIT: | Superintending Engineer, Minor Irrigation Division, Balasore. At / P.O / District – Balasore. Ph. No / Fax No.-06762-224461, Email ID: mibalasore@yahoo.co.in |
| Further details can be seen from the e-market place web site www.tendersodisha.gov.in/ District NIC Portal (baleswar.nic.in) | |

Note: Corrigendum/ Addendum/ Modifications/ Additions if any can be seen through on-line only.

Sd/-
Superintending Engineer
M.I.Division, Balasore

OIPR : 32001/16/2526





## ମାସିକ ସାହିତ୍ୟ ପତ୍ରିକା 'ସମାରୋହ'ର ବାର୍ଷିକ ପୁରସ୍କାର ଉତ୍ସବ

# ଶୈଳରାଣୀ ମିଶ୍ରଙ୍କ ରଚିତ ପୁସ୍ତକ 'ଜେଜେମା'ଙ୍କ କାହାଣୀ ପେଡ଼ି' ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏକ ମନୋଜ୍ଞ ପରିବେଶ ମଧ୍ୟରେ ଫେବୃୟାରୀ ୩ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ ବୁଦ୍ଧମନ୍ଦିର ଠାରେ ମାସିକ ସାହିତ୍ୟ ପତ୍ରିକା ସମାରୋହର ବାର୍ଷିକ ପୁରସ୍କାର ଉତ୍ସବ ତଥା ଦୁର୍ଗାମାଧବ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। କବି ପ୍ରବୀର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ରବିନାରାୟଣ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉତ୍ସବରେ କମଳା ପ୍ରସାଦ ମହାପାତ୍ରଙ୍କୁ ଦୁର୍ଗାମାଧବ ସ୍ମାରକୀ ଗଳ୍ପ ପୁରସ୍କାର, ସ୍ୱୟଂପ୍ରଭା ରଥଙ୍କୁ ଦୁର୍ଗାମାଧବ ସ୍ମାରକୀ କବିତା ପୁରସ୍କାର, ସୁଚେତା ରାଉତଙ୍କୁ ଏବଂ ପ୍ରଭାତ କୁମାର ମହାପାତ୍ରଙ୍କୁ ଯଥାକ୍ରମେ 'ଫକିର ମୋହନ ନନ୍ଦ ସ୍ମାରକୀ ପ୍ରବନ୍ଧ ପୁରସ୍କାର ଓ ରମ୍ୟରଚନା ପୁରସ୍କାର', ଅନୁବାଦ



ନିମନ୍ତେ ବିନୋଦିନୀ ପାତ୍ରଙ୍କୁ 'ରାଧାମାଧବ ସ୍ମୃତି ପୁରସ୍କାର', ବାସନ୍ତୀ ଦାସଙ୍କୁ 'ସାରସ୍ୱତ ସାଧନା ପୁରସ୍କାର' ଏବଂ ଅଶ୍ୱିନୀ କୁମାର ମିଶ୍ରଙ୍କୁ 'ସମାରୋହ ସମ୍ମାନ' ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ସମାରୋହ ପାଇଁ ଅବଦାନ ରଖୁଥିବା ଉପସ୍ଥିତ ସମସ୍ତ ଲେଖକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଶୈଳରାଣୀ ମିଶ୍ରଙ୍କ ରଚିତ ପୁସ୍ତକ 'ଜେଜେମା'ଙ୍କ କାହାଣୀ ପେଡ଼ି' ଉନ୍ମୋଚିତ ହୋଇଥିଲା। ସମାରୋହର ସହଯୋଗୀ ସଂପାଦକ ରବିନାରାୟଣ ନନ୍ଦ ଦୁର୍ଗାମାଧବଙ୍କ କବିତା ରଚନା ଉପରେ ବିଶେଷ ଆଲୋଚନା ଉପସ୍ଥାପନା କରିଥିଲେ। ଉପସ୍ଥିତ ସାହିତ୍ୟିକମାନଙ୍କ ମଧ୍ୟରୁ ଦାଶ ବେନହୁର, ଡ. ଭଗବାନ ଜୟସିଂହ ଓ ଇଂ ପ୍ରଶାନ୍ତ ଆଶ୍ଚର୍ଯ୍ୟ ପ୍ରମୁଖ ସମାରୋହ ପ୍ରତି ଶୁଭକାମନା ଜଣାଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଡ. ଅଶୋକ ମହାପାତ୍ର, ଇତି ସାମନ୍ତ, ଡ. ଉଦୟ ନାଥ ସାହୁ, ଅନୀଲ ସାମଲ ଓ ଅଶୋକ ବଳ ତାଙ୍କର ଅଭିଭାଷଣରେ ଦୁର୍ଗାମାଧବଙ୍କ ସାହିତ୍ୟ ରଚନା ଉପରେ ଆଲୋଚନା କରିବା ସହିତ ପତ୍ରପତ୍ରିକାମାନଙ୍କର ସାହିତ୍ୟ ପ୍ରତି ଅବଦାନ ଏବଂ ଓଡ଼ିଆ ଭାଷାରେ ପାଠକ ସଂଖ୍ୟାରେ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ସମାରୋହର ଓଡ଼ିଆ ସାହିତ୍ୟକୁ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ ଓ ପୁରସ୍କୃତ ତଥା ଉପସ୍ଥିତ ସମସ୍ତ ସାହିତ୍ୟିକଙ୍କୁ ଅଭିନନ୍ଦନ ଜଣାଇଥିଲେ। କବି ପ୍ରବୀର ମହାନ୍ତି ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫

# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୪୯ ରେଳ କର୍ମଚାରୀ ପୁରସ୍କୃତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ଭୁବନେଶ୍ୱରର ରେଳ ଅଡିଟୋରିୟମ ଠାରେ ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫ ମହୋତ୍ସବ ପାଳନ କରି ଏହାର କର୍ମଚାରୀଙ୍କ ଅତୁଳନୀୟ ସେବା ତଥା ଉତ୍ସର୍ଗୀକୃତତାକୁ ସମ୍ମାନିତ କରିଛି। ଏହି କାର୍ଯ୍ୟକ୍ରମରେ ମୋଟ ୪୯ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇ ସ୍ୱୀକୃତି ଦିଆଯିବା ସହିତ ବିଭିନ୍ନ ରେଳ ମଣ୍ଡଳ ଏବଂ ରେଳ ୟୁନିଟ୍ ଗୁଡ଼ିକର କାର୍ଯ୍ୟ ଦକ୍ଷତା ପାଇଁ ବିଭିନ୍ନ ଦକ୍ଷତା ସିଲ୍ଡ ପ୍ରଦାନ କରାଯାଇଛି।

ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୫ ସମାରୋହର ମୁଖ୍ୟ ଆକର୍ଷଣ : ୪୯ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ : ଦୃଷ୍ଟାନ୍ତମୂଳକ ସେବା, ସାଧୁତା ଏବଂ ବୃତ୍ତିଗତ ଉତ୍କର୍ଷତା ପାଇଁ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗ ଏବଂ ମଣ୍ଡଳର ୪୯ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନଜନକ ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ପରିଚାଳନା, ଇଞ୍ଜିନିୟରିଂ, ଯାନ୍ତ୍ରିକ, ବୈଦ୍ୟୁତିକ, ସିଗ୍ନାଲ ଏବଂ ଟେଲିକମ୍ୟୁନିକେସନ୍, ବାଣିଜ୍ୟିକ, ସୁରକ୍ଷା ଏବଂ ଅନ୍ୟାନ୍ୟ ଆଗଧାଡ଼ିର ବିଭାଗର ଅଧିକାରୀ ଏବଂ କର୍ମଚାରୀ ମାନେ ସାମିଲ ଅଛନ୍ତି, ଯେଉଁମାନେ ଉତ୍କୃଷ୍ଟ କର୍ତ୍ତବ୍ୟ ସମ୍ପାଦନ, ନବସୃଜନ, ନେତୃତ୍ୱ, ସୁରକ୍ଷା ପଦକ୍ଷେପ ଏବଂ ସାଂଗଠନିକ ଦକ୍ଷତାରେ ନିରନ୍ତର ଯୋଗଦାନ ମାଧ୍ୟମରେ



ନିଜକୁ ପ୍ରତିଷ୍ଠିତ କରିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ସେମାନଙ୍କର ପ୍ରତିବଦ୍ଧତା, କର୍ତ୍ତବ୍ୟ ପ୍ରତି ସମର୍ପଣ ଏବଂ ସାଂଗଠନିକ ଉଦ୍ଦେଶ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି।

ୱାଲଟେୟାର ଏବଂ ସମ୍ବଲପୁର ମଣ୍ଡଳକୁ ମିଳିତ ଭାବରେ ସାମଗ୍ରିକ ଦକ୍ଷତା ସିଲ୍ଡ ପୁରସ୍କାର : ଏକ ମହତ୍ୱପୂର୍ଣ୍ଣ ସଫଳତାରେ, ୱାଲଟେୟାର ଏବଂ ସମ୍ବଲପୁର ଡିଭିଜନକୁ ଉଚ୍ଚମାନର କାର୍ଯ୍ୟ, ସୁରକ୍ଷା ଏବଂ ସେବା ବଜାୟ ରଖିବାରେ ସେମାନଙ୍କର ଉଦାହରଣୀୟ ଆଦର୍ଶ ପ୍ରଦର୍ଶନକୁ ସ୍ୱୀକୃତି ଦିଆଯାଇ ମିଳିତ ଭାବରେ ସାମଗ୍ରିକ ଦକ୍ଷତା ସିଲ୍ଡ ଦ୍ୱାରା ସମ୍ମାନିତ କରାଯାଇଛି।

ଶ୍ରେଷ୍ଠ କ୍ଲିନ୍ (ସଫାଇ) ଷ୍ଟେସନ୍ ସିଲ୍ଡସ୍ : ସମ୍ବଲପୁର ରୋଡ୍ ରେଳ ମଣ୍ଡଳ ଅଧୀନରେ ଥିବା ସମ୍ବଲପୁର ଷ୍ଟେସନ୍ ଏବଂ ବରପାଲି ଷ୍ଟେସନକୁ ସେମାନଙ୍କର ଉଲ୍ଲେଖନୀୟ ପରିଷ୍କାର ପରିଚ୍ଛନ୍ନତା ପାଇଁ ମାନ୍ୟତା ଦିଆଯାଇଛି। ସମ୍ବଲପୁର ଷ୍ଟେସନକୁ ବଡ଼ ଷ୍ଟେସନ୍ ସ୍ୱଚ୍ଛତା ସିଲ୍ଡ ଏବଂ ବରପାଲି ଷ୍ଟେସନକୁ ଛୋଟ ଷ୍ଟେସନ ସ୍ୱଚ୍ଛତା ସିଲ୍ଡ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

ଏହି ଉତ୍ସବରେ ରେଳବାଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ରେଳ କର୍ମଚାରୀଙ୍କୁ ସେମାନଙ୍କର ଅତୁଳନୀୟ ପ୍ରତିବଦ୍ଧତା ଏବଂ ସେମାନଙ୍କ ଦାୟିତ୍ୱ ପୂରଣ କରିବାରେ ଅତୁଳନୀୟ ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଦଳଗତ କାର୍ଯ୍ୟର ଗୁରୁତ୍ୱ ଉପରେ ଶ୍ରୀ ଫୁଙ୍କୱାଲ ଗୁରୁତ୍ୱାରୋପ କରିଥିଲେ ଏବଂ କାର୍ଯ୍ୟକ୍ଷମତା ହାସଲ କରିବାରେ ନିରନ୍ତର ଉତ୍ସର୍ଗୀକୃତ ରହିବାକୁ କର୍ମଚାରୀ ମାନଙ୍କୁ ଉପଦେଶ ଦେଇଥିଲେ।

ବିଶିଷ୍ଟ ରେଳ ସେବା ପୁରସ୍କାର ୨୦୨୫ ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)ର ସଭାପତି କବିତା ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ବି.ଏସ.କେ. ରାଜକୁମାର, ସମସ୍ତ ବିଭାଗୀୟ ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଓ ସମସ୍ତ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଯୋଗ ଦେଇଥିଲେ। ରେଳ ପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଏ. କେ. ଚତୁର୍ବେଦୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୁରସ୍କାରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ରେଳ ସେବା ପୁରସ୍କର-୨୦୨୫ ସମାରୋହରେ ପୂର୍ବତଟ ରେଳପଥର ଲୁକ୍କାୟିତ ପ୍ରତିଭା ମାନଙ୍କର କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତତାର ଆନ୍ତରିକ ସ୍ୱୀକୃତି ଏବଂ ରେଳ ବ୍ୟବସ୍ଥାର ସୁଗମ ତଥା ଦକ୍ଷ କାର୍ଯ୍ୟକୁ ସୁନିଶ୍ଚିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇଥିଲା।

## ବନ୍ଧାକୋବି ଗାଡ଼ିରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ

**କପ୍ତିପଦା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜେଇ ଚାଲାଣର ନୂଆ ତରିକା। ପିକଅପ୍ ଭ୍ୟାନର ଉପରେ ଲୋଡ୍ ହୋଇଛି ବନ୍ଧାକୋବି। ଭିତରେ ଅଛି କୋଟିଏ ଟଙ୍କାର ଗଞ୍ଜେଇ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଧୀନ ଭରଡ଼ା ଛକ ନିକଟରୁ ଏହି ଗଞ୍ଜେଇ ବୋଝେଇ ପିକଅପ୍ ଭ୍ୟାନ୍ ଜବତ ହୋଇଛି। ନାର୍କୋ କେନ୍ଦ୍ରୀୟ ବ୍ୟୁରୋ ଚଢାଉ କରି ଗାଡ଼ିରୁ ପ୍ରାୟ ପାଞ୍ଚ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ସୂଚନାନୁଯାୟୀ, ଏକ ବନ୍ଧାକୋବି ବୋଝେଇ ପିକଅପ୍ ଗାଡ଼ିରେ ଗଞ୍ଜେଇ ଭର୍ତ୍ତି ହୋଇ କେନ୍ଦୁଝରରୁ କପ୍ତିପଦାକୁ ଆସୁଥିଲା। ନାର୍କୋ କେନ୍ଦ୍ରୀୟ ବ୍ୟୁରୋ ବିଶେଷ ସୂତ୍ରରୁ ଖବର ପାଇ ଗାଡ଼ିକୁ ଧରିବା ପାଇଁ ପୂର୍ବ ପ୍ରସ୍ତୁତି କରିଥିଲା। ବୁଧବାର ରାତି ୩ଟାରେ ଠାକୁରମୁଣ୍ଡା ଘାଟି ଦେଇ ଗାଡିଟି ପହଞ୍ଚିବା ବେଳକୁ ଏହି ଗାଡ଼ିକୁ ଆଉ ଏକ ଗାଡ଼ି ସୁରକ୍ଷା ଦେଉଥିଲା। ନାର୍କୋ କେନ୍ଦ୍ରୀୟ ବ୍ୟୁରୋ ପ୍ରସ୍ତୁତି ମୁତାବକ ଭରଡ଼ା ଛକ ନିକଟରେ ଗାଡ଼ିକୁ ଅଟକାଇ ଥିଲେ। ଦୁଇଟି ଯାକ ଗାଡ଼ିକୁ କପ୍ତିପଦା ଥାନାକୁ ଅଣାଯାଇ ତଦନ୍ତ ଚାଲିଛି। ପାଞ୍ଚ କ୍ୱିଣ୍ଟାଲ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏହି ଗଞ୍ଜେଇ ସବୁ ଓଡ଼ିଶାରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାଠ ସହିତ ସବୁ ...

କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ତାଙ୍କ ଭାଷଣରେ ଛାତ୍ରଛାତ୍ରୀମାନେ ନିଜକୁ ପାଠ ସହିତ ସଂଗୀତ ନୃତ୍ୟ, ଖେଳକୁଦ ତଥା ଶାରୀରିକ ସୁସ୍ଥତା ଓ ମାନସିକ ସୁସ୍ଥତା ପାଇଁ ଯୋଗ ଧ୍ୟାନ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ଝିଅମାନେ ଅଧିକ ମାତ୍ରାରେ ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରିବା ସହ ଉଚ୍ଚ ଶିକ୍ଷିତା ହେବା ଉଚିତ, କାରଣ ପରିବାର ପାଇଁ ତାଙ୍କର ଗୁରୁ ଦାୟିତ୍ୱ ରହିଛି। ଏହି ଅବସରରେ ସେ କହିଥିଲେ 'ମାଆ ହେଲେ ପାଠୋଇ, ଦେଶ ଯିବ ଆଗେଇ।' ମହିଳା ବିକାଶରେ ଦେଶର ବିକାଶ। ଚାକିରି ମିଳୁ ବା ନମିଳୁ ମୋ ପରିବାରକୁ ମୁଁ ଆଗକୁ ବଢ଼େଇ ନେବି, ଏହି ଭାବନାରେ ବ୍ରତୀ ହେବା ପାଇଁ ପିଲାମାନଙ୍କୁ ପ୍ରେରଣାଦାୟୀ ଉପଦେଶ ଦେଇଥିଲେ ରାଷ୍ଟ୍ରପତି। ସେହିପରି ସର୍ବାଙ୍ଗୀନ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଯଦ୍ୱାରା ଆମର ଭବିଷ୍ୟତ ପିଢ଼ି ଆହୁରି ସମୃଦ୍ଧ ଓ ଶକ୍ତିଶାଳୀ ହେବ ବୋଲି କହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ସାରି ସେଠାରୁ ରାଷ୍ଟ୍ରପତି ରାଇରଙ୍ଗପୁର ସ୍ଥିତ ପୁଣ୍ୟେଶ୍ୱର ମହାଦେବ ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ପରିସର ମାର୍ଜଣା କରିଥିଲେ। ଏହାସହ ବ୍ରହ୍ମ କୁମାରୀ ଆଶ୍ରମ ପରିଦର୍ଶନରେ ପ୍ରଜାପିତା ଅନୁଗାମୀମାନଙ୍କ ସହ ଭାବବିନିମୟ କରି ମହୁଲଡ଼ିହାସ୍ଥିତ ନିଜ ବାସଭବନରେ ନିଜ ପରିବାର ବନ୍ଧୁପରିଜନ ମାନଙ୍କ ସହ ବୃତ୍ତଚିତ୍ର ଉତ୍ତୋଳନ କରିଥିଲେ।

ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱତନ୍ତ୍ର ହାଲିକ୍ୟାପ୍ଟର ଯୋଗେ ମୟୂରଭଞ୍ଜ ଗସ୍ତରେ ଆସି ଦାଣ୍ଡବୋଷ୍ ଏୟାର୍ ଷ୍ଟ୍ରିପ୍ ସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ତଥା ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ହେଲିପ୍ୟାଡ୍‌ରେ ତାଙ୍କୁ ସ୍ୱାଗତ କରିଥିଲେ। ହେଲିପ୍ୟାଡ୍‌ରୁ ସିଧାସଳଖ ଆସି ମହୁଲଡିହାସ୍ଥିତ ଅବକାଶ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ।

ଅପରାହ୍ନରେ କଚେରୀ ପଡ଼ିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଯୋଗ ଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ଆଭାସୀ ମାଧ୍ୟମରେ ରାଇରଙ୍ଗପୁର ସ୍ଥିତ ଏମ୍.ଏସ୍.ସି.ବି ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା ପରିସର ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ଶିକ୍ଷା ପାଇଁ ପଥ ପ୍ରଶସ୍ତ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ପାଞ୍ଚଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମୁର୍ଗାଘୁଟୁ ଠାରେ ଆୟୁର୍ବେଦ/ଆୟୁଷ ଚିକିତ୍ସାଳୟ ତଥା ଆୟୁର୍ବେଦିକ ମହାବିଦ୍ୟାଳୟ ନିର୍ମାଣ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସର, ଧନୁର୍ବିଦ୍ୟା କେନ୍ଦ୍ର, ରାଇରଙ୍ଗପୁର ସହର ସୌନ୍ଦର୍ଯ୍ୟକରଣ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତିକରଣ ଭିତ୍ତିଭୂମି ନିର୍ମାଣ, ରାଇରଙ୍ଗପୁର ପୌର ପାଳିକାର ସଭାଗୃହ ତଥା ସାଂସ୍କୃତିକ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନୁରୂପ ଭାବେ ରାଇରଙ୍ଗପୁର ଠାରେ ଜାତୀୟ ତାପଜ ବିଦ୍ୟୁତ ନିଗମ ଲିଃ ପକ୍ଷରୁ ନିର୍ମାଣ ହେବାକୁ ଥିବା ସଭାଗୃହ ତଥା ସାଂସ୍କୃତିକ କେନ୍ଦ୍ର, ଜାତୀୟ ଜଳବିଦ୍ୟୁତ ଶକ୍ତି ନିଗମ ପକ୍ଷରୁ ଡାଳରଙ୍ଗପୁର ମହିଳା ମହାବିଦ୍ୟାଳୟରେ ୩୬୦ ଶଯ୍ୟା ବିଶିଷ୍ଟ ମହିଳା ଛାତ୍ରୀନିବାସ ଏବଂ ଆଇ.ଆଇ.ଏଫ.ସି.ଏଲ୍ ପକ୍ଷରୁ ବିକେ ନିଶାମୁକ୍ତି ଓ ନାରୀ ସଶକ୍ତ କେନ୍ଦ୍ର ପାଇଁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପ ଦ୍ୱାରା ଲୋକମାନେ ଉପକୃତ ହେବେ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ଯେ ଏହି ସମସ୍ତ ପ୍ରକଳ୍ପ ଦ୍ୱାରା ଅଞ୍ଚଳରେ ବିକାଶ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବ। ବିଶେଷକରି ଶିକ୍ଷାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଏହା ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାକୃତିକ ପରିବେଶର ଗନ୍ତାଘର ଏହି ଜିଲ୍ଲାରେ ଆୟୁର୍ବେଦ/ଆୟୁଷ ଚିକିତ୍ସାଳୟ ତଥା ଆୟୁର୍ବେଦିକ ମହାବିଦ୍ୟାଳୟ ନିର୍ମାଣ ନିର୍ମାଣ ହେଲେ ଏହା ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ଅଧିକ ସମୃଦ୍ଧ କରିବା ବୋଲି କହିଥିଲେ। ସେହିପରି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ, ରାଜ୍ୟସଭା, ମମତା ମହାନ୍ତ, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାରସକଣା ବିଧାୟକ ଭାଦବ ହାଁସଦା, ରାଷ୍ଟ୍ରପତି ଭବନର ବରିଷ୍ଠ ଅଧିକାରୀ, ରାଜ୍ୟପାଳଙ୍କ ଲୋକ ସେବା ଭବନର ବିଭିନ୍ନ ବରିଷ୍ଠ ଅଧିକାରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପଦାଧିକାରୀ, କେନ୍ଦ୍ରାଞ୍ଚଳ ଆରଡିସି ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ହେମକାନ୍ତ ସାଏ, ସ୍ୱାସ୍ଥ୍ୟ ବିଭାଗ ସଚିବ ଆଶ୍ୱସ୍ତି ଏସ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଅତିରିକ୍ତ ଡିଜିପି ଦୟାଲ ଗଙ୍ଗୱାର, ଇନ୍ସପେକ୍ଟର ଜେନେରାଲ ଅଫ ପୋଲିସ ପ୍ରବୀଣ କୁମାର, ଡିଆଇଜି ପିନାକ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ବୃନ୍ଦ, ମୁଖ୍ୟ ଉନ୍ନୟନ ଅଧକାରୀ ଉପଜିଲ୍ଲାପାଳ ବାରିପଦା, ରାଇରଙ୍ଗପୁର ଓ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର ଇତିହାସ ...

ଐତିହାସିକ ଦିନ। ଏଠାରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେଉଛି। ମୟୂରଭଞ୍ଜ ତଥା ସାରା ଓଡ଼ିଶାର ନିରନ୍ତର ବିକାଶ ପ୍ରତି ଏହି ପ୍ରକଳ୍ପ ଗୁଡିକ ହେଉଛି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରତିବଦ୍ଧତାର ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକ କେବଳ ସାମାନ୍ୟ କୋଠା କିମ୍ବା ଭିତ୍ତିଭୂମି ନୁହେଁ, ଏହା ହେଉଛି ଉନ୍ନତ ମାନବ ସମ୍ବଳ ସୃଷ୍ଟିରେ ଆମର ନିବେଶ। ବିଶେଷକରି ଆମର ଯୁବପିଢ଼ି, ଚାଷୀ, ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏହା ପଥ ପ୍ରସ୍ତୁତ କରିବ। ମହାମହିମ ରାଷ୍ଟ୍ରପତି, ଯେଉଁ ମାଟିର ଝିଅ, ସେ ମାଟି କେବେହେଲେ ଅବହେଳିତ ରହିପାରିବ ନାହିଁ। ଯେଉଁ ଦିନ ଠାରୁ ଆମ ସମସ୍ତଙ୍କର ସମ୍ମାନନୀୟା ଦ୍ରୌପଦୀ ମୁର୍ମୁଜୀ ଦେଶର ପ୍ରଥମ ନାଗରିକ ହୋଇଛନ୍ତି, ସେହିଦିନ ଠାରୁ ମୟୂରଭଞ୍ଜ ଜିଲ୍ଲା ବାସୀଙ୍କ ପାଇଁ ବିକାଶର ଗ୍ୟାରେଣ୍ଟି ମିଳିଛି। ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ଜଙ୍ଗଲ, ପାହାଡ଼, ନଦୀ, ସମୃଦ୍ଧ ଜୈବ ବିବିଧତା ଏବଂ ସ୍ପନ୍ଦନଶୀଳ ଆଦିବାସୀ ପରମ୍ପରାର ଭୂମି। ଏହା ଦେଶକୁ ମହାନ୍ ନେତା, ସ୍ୱାଧୀନତା ସଂଗ୍ରାମୀ, କଳାକାର, କ୍ରୀଡାବିତ୍, ପ୍ରଶାସକ ଏବଂ ବିଶେଷକରି ଭାରତକୁ ପ୍ରଥମ ନାଗରିକ ଉପହାର ଦେଇଛି। ଦୀର୍ଘ ଦିନ ଧରି, ଏହି ଅଞ୍ଚଳର ଆକାଂକ୍ଷା ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ସୁବିଧା ପାଇଁ ପ୍ରବେଶର ଦ୍ୱାର ସୀମିତ ଥିଲା। ଆଜି, ଆମେ ସେହି ସ୍ୱପ୍ନକୁ ବାସ୍ତବତାରେ ପରିବର୍ତ୍ତନ କରିବା ପାଇଁ ସାମୂହିକ ଭାବରେ କାର୍ଯ୍ୟ କରୁଛୁ। ଆମର ବିକାଶ ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ଶିକ୍ଷା। ଆୟୁଷ ହସ୍ପିଟାଲ୍ ଓ ଆୟୁର୍ବେଦିକ୍ କଲେଜ୍, ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ,ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ, ଧନୁର୍ବିଦ୍ୟା ଏକାଡେମୀ ଗୁଡ଼ିକର ପ୍ରତିଷ୍ଠା ଉତ୍ତର ଓଡ଼ିଶାର ଦୃଶ୍ୟପଟକୁ ପରିବର୍ତ୍ତନ କରିବ। ବିଶେଷକରି ଆଜିର ଦିନଟି ବିଜ୍ଞାନ, ପ୍ରଯୁକ୍ତି ଓ କ୍ରୀଡାରେ ଶିକ୍ଷାପାଇଁ ଏକ ଐତିହାସିକ ଦିନ। ମୟୂରଭଞ୍ଜ, ଏବଂ ଏହାର ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ଆଉ ଦୂର ଯାତ୍ରା କରିବାକୁ ପଡ଼ିବ ନାହିଁ। ଏହା ସହିତ ରାଇରଙ୍ଗପୁର ସହରର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଷ୍ଟୋନ୍ ପଡିଛି। କୃଷି ଆମର ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି। ନୂତନ ଓୟୁଏଟି କ୍ୟାମ୍ପସ୍ ସ୍ଥାନୀୟ ପରିସ୍ଥିତି ସହିତ ଉପଯୁକ୍ତ କୃଷି ଶିକ୍ଷା, ଗବେଷଣା ଏବଂ ଗୁଣାତ୍ମକ ସେବାକୁ ପ୍ରୋତ୍ସାହିତ କରିବ। ଏହା ଚାଷୀମାନଙ୍କୁ ଉନ୍ନତ ଚାଷ ପଦ୍ଧତି ଗ୍ରହଣ କରିବାରେ, ଉତ୍ପାଦକତା ବୃଦ୍ଧି କରିବାରେ ଏବଂ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏକ ସମୃଦ୍ଧ ସମାଜ ପାଇଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରୀ ଆୟୁର୍ବେଦିକ କଲେଜର ଭିତ୍ତିପ୍ରସ୍ତର ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ପ୍ରବେଶକୁ ଉନ୍ନତ କରିବ। ନୂଆ କେନ୍ଦ୍ର ବଜେଟର ପ୍ରାବଧାନ ଅନୁଯାୟୀ କ୍ୟାନସର ଓ ଡାଏବେଟିସ୍ ପରି ଅନେକ ଜଟିଳ ରୋଗର ଔଷଧ ଶସ୍ତା ହେବ। ଯାହା ଆମ ଗରିବ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କ ପାଇଁ ଖୁବ୍ ମଙ୍ଗଳକର ହେବ। ଏଥିପାଇଁ ସେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ପ୍ରଦାନ ଜଣାଇଥିଲେ। କେୟାର ଇକୋନୋମି ଏବଂ ନିଯୁକ୍ତି ମାଧ୍ୟମରେ ଦେଶରେ ୧.୫ ଲକ୍ଷ ମଲ୍ଟି ସ୍କିଲ୍ଡ କେୟାର୍ ଗିଭର୍ସଙ୍କୁ ତାଲିମ୍ ଦେବାପାଇଁ ଯୋଜନା ହେଉଛି। ଯାହା ଫଳରେ ଏହା ସମଗ୍ର ଓଡ଼ିଶାର ଯୁବକ ଯୁବତୀ ମାନଙ୍କ ପାଇଁ ସେବା କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଆଜି ଆଇଟିସି ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମୟୂରଭଞ୍ଜର ପିଲାମାନେ ଆଧୁନିକ ଆଇଟି କ୍ଷେତ୍ରରେ ମଧ୍ୟ ଦକ୍ଷତା ହାସଲ କରିପାରିବେ। ଆମର ଲକ୍ଷ୍ୟ ହେଉଛି, ଆମ ଯୁବବର୍ଗଙ୍କୁ ସ୍କିଲ୍ ଟ୍ରେନିଙ୍ଗ ଜରିଆରେ ଦକ୍ଷ କରି ଆଧୁନିକ ଶିଳ୍ପ ପାଇଁ ନିଯୁକ୍ତି ଯୋଗ୍ୟ କରିବା। ଯଦି କଲେଜ୍ରୁ ପିଲାମାନେ ଦକ୍ଷ ହୋଇ ବାହାରିବେ, ତେବେ ତାଙ୍କୁ ଆଉ ଅତିରିକ୍ତ ଟ୍ରେନିଙ୍ଗ ଦରକାର ନାହିଁ। କଲେଜରୁ ପାସ୍କରି ସେମାନେ ସିଧାସଳଖ ନିଯୁକ୍ତି ପାଇପାରିବେ। ଏହି ଆଇଟି କ୍ୟାମ୍ପସ୍ ଆମର ବିଶ୍ୱସ୍ତରୀୟ ଦକ୍ଷତା ସୃଷ୍ଟିର ଲକ୍ଷ୍ୟକୁ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ରୀଡା ସର୍ବଦା ମୟୂରଭଞ୍ଜ ପାଇଁ ଗର୍ବର ଏକ ଉତ୍ସ ହୋଇଆସିଛି। ଫୁଟବଲ୍ ଠାରୁ ଆରମ୍ଭ କରି ତୀରନ୍ଦାଜୀ ଏବଂ କ୍ରୀଡାବିତ୍ ପର୍ଯ୍ୟନ୍ତ, ଏହି ଜିଲ୍ଲାର ଯୁବକମାନେ ଓଡ଼ିଶା ଏବଂ ଭାରତ ପାଇଁ ଗୌରବ ଆଣିଛନ୍ତି। ଧନୁର୍ବିଦ୍ୟା ଏକାଡେମୀ ଆଦିବାସୀ ଏବଂ ଗ୍ରାମୀଣ ପୃଷ୍ଠଭୂମିର ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆଧୁନିକ ସୁବିଧା ପ୍ରଦାନ କରିବ। ଆମ ସରକାର ବିଶ୍ୱାସ କରନ୍ତି ଯେ କ୍ରୀଡା କେବଳ ଚାମ୍ପିଅନ ସୃଷ୍ଟି କରେ ନାହିଁ ବରଂ ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଏକତା ମଧ୍ୟ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ସୁରକ୍ଷିତ ଓ ଆନନ୍ଦଦାୟକ...

ଦୁଃସାହସିକ ଏବଂ ପ୍ରକୃତି ଆଧାରିତ ପର୍ଯ୍ୟଟକପ୍ରେମୀଙ୍କୁ ଆକର୍ଷିତ କରିବ । ଏହି କାରାଭାନ୍ ଯାତ୍ରା ବିଶେଷ ଭାବରେ ଶାନ୍ତ, କାନ୍ତ, କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଗୁଡ଼ିକରେ ନୂତନ ଅଭିଜ୍ଞତା ଆଣିଦେବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ କହିଲେ ଯେ ଏହାଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ପରିବ୍ୟାପ୍ତ ହେବା ସହ ସୁଖଦ ଓ ସୁରକ୍ଷିତ ଯାତ୍ରା ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ । ସରକାରଙ୍କ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କହିଲେ ଯେ ନିଜ ସ୍ୱଚ୍ଛନ୍ଦରେ ପର୍ଯ୍ୟଟକମାନେ ପର୍ବତ୍ୟାଞ୍ଚଳଠାରୁ ଆରମ୍ଭ କରି ଦୁର୍ଗମ ଗ୍ରାମାଞ୍ଚଳକୁ ପରିଭ୍ରମଣ କରିପାରିବେ। ଯାହା ପର୍ଯ୍ୟଟକମାନଙ୍କୁ ଭ୍ରମଣଭିତ୍ତିକ ଆନନ୍ଦ ପ୍ରଦାନ କରିବ । ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥିପାଇଁ ରାଜ୍ୟର ହୀରାକୁଦ, ଶିମିଳିପାଳ, ଦାରିଙ୍ଗବାଡ଼ି, ଦେଓମାଳି, ତାଳସାରି, ପେଣ୍ଠ, ମଙ୍ଗଳାଯୋଡ଼ି, ଜିରାଙ୍ଗ ଏବଂ ଅନ୍ୟାନ୍ୟ ମନୋରମ ସ୍ଥାନକୁ ଏହି କାରାଭାନ୍ ଟୁରିଜିମ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପର୍ଯ୍ୟଟନ ବିଭାଗ ଦ୍ୱାରା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଅଧିନରେ ସ୍ୟାଣ୍ଡ ଏବଂ ପେବେଲ ଟୁରସ୍ ସଂସ୍ଥା ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି । ପ୍ରଥମେ ଏହି କାରାଭନ ବାଲେଶ୍ୱରର ତାଳସାରି ଯିବ । ପ୍ରଥମେ ଯାତ୍ରା କରୁଥିବା ଦମ୍ପତି ଅନ୍ନଦା ପ୍ରସାଦ ପାଢୀ ଏବ ଅର୍ଚ୍ଚନା ପାଢୀଙ୍କୁ ଟିକେଟ ପ୍ରଦାନ କରାଯାଇଛି । ଏହି ଅବସରରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୂପମା ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ରୁଦ୍ର ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ...

ଭୟାନକ ବୋଲି କହିବା ସହ ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣ ପାଇଁ ଏକ ଯୋଜନାବଦ୍ଧ ପ୍ରୟାସ ବୋଲି ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ୍ ରିଜିଜୁଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ସମୟରେ ଚାଇନା ସହ ସୀମା ବିବାଦ ପ୍ରସଙ୍ଗରେ ମଧ୍ୟ ବିରୋଧୀ ଦଳ ନାରାବାଜି କରିଥିଲେ। ବାରମ୍ବାର ଗୃହ ମୁଲତବୀ ହେବା ଫଳରେ ଧନ୍ୟବାଦ ଅର୍ପଣ ପ୍ରସ୍ତାବ ଗୃହୀତ ହୋଇପାରିନାହିଁ। ଗୃହକୁ ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

## ଶ୍ରୀମନ୍ଦିରରେ...

ଶ୍ରୀମନ୍ଦିର ପ୍ରବେଶ ସମୟରେ ସାତ ପାହାଚରେ ଶୁଭିଲା ବେଦ ଧ୍ୱନି। ଫେରିବା ବାଟରେ ବାଇଶି ପାହାଚରେ ବସିଲେ ସେବାୟତ ଦେଲେ କର ପଲ୍ଲବ ଉପହାର। ମହାଲକ୍ଷ୍ମୀଙ୍କ ସହ ବିମଳାଙ୍କ ଦର୍ଶନ ସାନିଧ୍ୟ ନେଲେ। ୪୫ ମିନିଟ୍ କାଳ ଭିତରେ ଦର୍ଶନ ସାନିଧ୍ୟ ନେଲେ। ମହାମହିମଙ୍କ ଉଦ୍ଦେଶ୍ୟରେ ଲାଗିଲା ବାନା। କୌଳିକ ପଣ୍ଡା ଦେଲେ ମହାପ୍ରଭୁଙ୍କ ଫୋଟୋ ଚିତ୍ର ଉପହାର। ସାଧାରଣ ଭକ୍ତ ଟିଏ ପରି ଅରୁଣ ସ୍ତମ୍ଭରେ ମୁଣ୍ଡିଆ ମାରି ସିଂହଦ୍ୱାର ବାଇଶି ପାହାଚ ଦେଇ ସାତ ପାହାଚ ଦେଇ ଭାବ ବିହ୍ୱଳ ପୂର୍ବକ ଭିତରକୁ ଯାଇ ଦର୍ଶନ ସାନିଧ୍ୟ ନେଲେ। ମହାପ୍ରଭୁଙ୍କ ରତ୍ନ ସିଂହାସନ ସ୍ଥିତ ଦୁର୍ଲଭ ସୁନାବେଶର ପଟଚିତ୍ର ଉପହାର ଦେଲେ ଶ୍ରୀମନ୍ଦିର ପ୍ରସାଶନ। ଖଣ୍ଡୁଆ ଦେଇ ସ୍ୱାଗତ କଲେ ମୁଖ୍ୟ ପ୍ରଶାସକ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଏବଂ ଉପମୁଖ୍ୟମନ୍ତ୍ରୀ ୨୨ ପାହାଚରେ ବସି ଫଟୋ ଉଠାଇଥିଲେ।

## ସୁଲଭ ଚିକିତ୍ସା ...

ପରିବାର ସହିତ ଆମେ ଏକତାରେ ଦୃଢ଼ ଭାବେ ରହିଛୁ। ଓଡ଼ିଶା କ୍ୟାନ୍ସର ସଚେତନତା, ଆଗୁଆ ଚିହ୍ନଟ ଏବଂ ସମସ୍ତଙ୍କ ପାଇଁ ସୁଲଭ ଓ ଉତ୍ତମ ଗୁଣମାନର ଚିକିତ୍ସା ପ୍ରତି ନିଜର ଅତୁଟ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରୁଛି। କରୁଣା ଏବଂ ସାମୂହିକ ସଙ୍କଳ୍ପ ସହିତ ଏକତ୍ର ହୋଇ, ଆମେ ନିଶ୍ଚିତଭାବେ କ୍ୟାନ୍ସରକୁ ପରାଜିତ କରିପାରିବୁ।

## ଏସ୍‌ସି, ଓବିସି ...

ଏବଂ ରେକର୍ଡେଡ୍ କ୍ଲାସ୍, ଟେଷ୍ଟ ସିରିଜ୍ ଓ ପୂର୍ବ ବର୍ଷର ପ୍ରଶ୍ନପତ୍ର, ପାଠ୍ୟ ମେଣ୍ଟରସିପ୍, ଦ୍ୱନ୍ଦ୍ୱ ଦୂର କ୍ଲାସ୍ ଏବଂ ପାଠ୍ୟ ଉପକରଣ ରହିବ।କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଲୋକସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ସେ ସ୍ପଷ୍ଟ କରିଛନ୍ତି ଯେ, ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଏପରି କୌଣସି ସ୍ୱତନ୍ତ୍ର ଚୁକ୍ତି ବର୍ତ୍ତମାନ ସୁଦ୍ଧା ହୋଇନାହିଁ।



ଭୁବନେଶ୍ୱର : କିମ୍ସ ଭୁବନେଶ୍ୱର ତରଫରୁ ଚଳିତ ବର୍ଷ ପାଇଁ ନିଶିକାନ୍ତ ଥାଟୋଇଙ୍କୁ ନନ୍ ଟିଚିଙ୍ଗ କାଟାଗୋରିରେ ବେଷ୍ଟ ଷ୍ଟାଫ୍ ଆୱାର୍ଡ ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦକଳିକା)

# ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି।



ବୁଧବାର ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ଓ ପ୍ରିୟଦର୍ଶୀ ମିଶ୍ର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଉତ୍କଳ ସମ୍ମିଳନୀର ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାଷୀର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଣ୍ଡି ଓ ଧାନକିଣାରେ ଅବ୍ୟବସ୍ଥା, ଟୋକନ ଅବଧି ସରିଯିବା ପରେ ବି ଧାନ ନଉଠିବା ଓ ମାସ ମାସ ଧରି ଚାଷୀଙ୍କୁ ହଇରାଣ କରାଯିବା ଅଭିଯୋଗରେ ରାଜରାସ୍ତାକୁ ଓହ୍ଲାଇଛି ବିଜେଡି। ମଙ୍ଗଳବାର କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି ବିଜେଡି। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିଜେଡିର ବହୁ ନେତୃବୃନ୍ଦ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଦଗାର କରିଥିଲେ। ଅପରାହ୍ନରେ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଜିଲ୍ଲାପାଳ ଆସିବାରେ ବିଳମ୍ବ କରିବା ସହିତ ତାଙ୍କ ପ୍ରତିନିଧି ଭାବେ ଭବାନୀପାଟଣା ଉପଜିଲ୍ଲାପାଳଙ୍କୁ ଆଲୋଚନା ପାଇଁ ପଠାଇଥିଲେ। କିନ୍ତୁ ଜିଲ୍ଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଜିଦ ଧରି ଅଡ଼ି ବସିଥିଲେ ବିଜେଡି ନେତୃବୃନ୍ଦ। ତେବେ ଦୀର୍ଘ ସମୟ ଧରି ଜିଲ୍ଲାପାଳ ନ ଆସିବାରୁ ଶତାଧିକ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶି ନାରାବାଜି କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ମୌସୁଧି ବାଗ, ଦୁଷ୍ମନ୍ତ ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ସମବାୟ ବ୍ୟାଙ୍କ ସଭାପତି ଗିରୀଶ ବେହେରା, ସମାଜ କଲ୍ୟାଣ ବୋର୍ଡ ସଦସ୍ୟା କଲ୍ୟାଣୀ ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡଙ୍କ ସହିତ ବିଜେଡି ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା, ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମିତି ସଦସ୍ୟ, ସଦସ୍ୟା ଏବଂ ମ୍ୟୁନିସିପାଲିଟି ଓ ଏନଏସି କାଉନସିଲର, ବିଜେଡି ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲାର ୧୩ ଗୋଟି ବ୍ଲକ ଓ ସହରାଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ମହିଳା କର୍ମୀ, ଚାଷୀ ଓ ଜନସାଧାରଣ ଯୋଗ ଦେଇଥିଲେ।

ବିକ୍ଷୋଭ ଓ ପ୍ରତିବାଦ ସଭା ପୂର୍ବରୁ ସର୍କିଟ ହାଉସରୁ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ କର୍ମୀମାନଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭାସ୍ଥଳରେ ପହଞ୍ଚିଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ନକଟିଗୁଡ଼ା ଛକରୁ ଜେଲ୍ ଛକ ଦେଇ ବିଶାଳ ଶୋଭାଯାତ୍ରା ସହିତ ସଭାରେ ଯୋଗ ଦେଇଥିଲେ। ସେହିପରି ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି କଲେଜ ଛକରୁ ଦଳୀୟ ନେତା ଓ କର୍ମୀଙ୍କ ବିରାଟ ପଟୁଆରରେ ସଭାସ୍ଥଳରେ ପହଞ୍ଚିଥିଲେ। ଛାତ୍ର ନେତା ଅବିନାଶ ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଦଳର ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର ସଭା ପରିଚାଳନା କରିଥିଲେ। ଜିଲ୍ଲା ବିଜେଡି ଉପସଭାପତି ଧର୍ମେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।





## ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନ ପତ୍ର ଭାଇରାଲ୍ ମାମଲା

# ସିବିଆଇ ଓ କ୍ରାଇମବ୍ରାଞ୍ଚରୁ ଦସ୍ତାବିଜ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କଲା ପୋଲିସ

କଟକ,୪।୨
ନ୍ୟୁଜ୍‌ବ୍ୟୁରୋ

ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ପ୍ରଶ୍ନ ଉତ୍ତର ଭାଇରାଲ୍ ଘଟଣାରେ ପୂର୍ବରୁ ପୁଲିସ ଏସ୍‌ଆଇ ଓ ଓଟିଇଟି ପରୀକ୍ଷା କେଳେଙ୍କାରୀରେ ସାମିଲ ଥିବା ୫ ଜଣଙ୍କୁ ଯୋଡ଼ିବାକୁ ଯାଉଛି ଲାଲବାଗ ଥାନା ପୁଲିସ। ସିବିଆଇ ଓ କ୍ରାଇମବ୍ରାଞ୍ଚ ନିକଟରୁ ଏ ସଂକ୍ରାନ୍ତ ଦସ୍ତାବିଜ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ ଏହି ୫ ଅଭିଯୁକ୍ତଙ୍କୁ ଏଏସ୍‌ଓ କେଳେଙ୍କାରୀ ଘଟଣାରେ ପୁଲିସ ରିମାଣ୍ଡରେ ନେବା ପ୍ରକ୍ରିୟା ଆରମ୍ଭ ହୋଇଥିବା ଲାଲବାଗ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି। ହାଇକୋର୍ଟର ଏଏସ୍‌ଓ-୨୦୨୪ ମୁଖ୍ୟ ଲିଖିତ ପରୀକ୍ଷା ୨୦୨୫ ଜୁଲାଇରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ ନେଇଥିଲା ଭୁବନେଶ୍ୱରର ଘରୋଇ ସଂସ୍ଥା ସିଲିକନ ଟେକ୍



ପ୍ରାଇଭେଟ୍ ଲିମିଟେଡ୍। କିନ୍ତୁ ଏହି ପ୍ରଶ୍ନପତ୍ରର ମଡେଲ୍ ଉତ୍ତର ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଶଙ୍କର ପୃଷ୍ଟି ଗ୍ୟାଙ୍ଗ ହାତରେ ଲାଗିଥିଲା। ପରେ ୭୦ ପ୍ରାର୍ଥୀଙ୍କୁ ପ୍ରଶ୍ନ ଉତ୍ତର ବିକ୍ରି କରାଯାଇଥିଲା। ତେବେ ଏହି ମାମଲାରେ ସିଲିକନ୍ ମାଲିକ ସୁରେଶ ନାୟକ ଓ ପଞ୍ଚସଫ୍ଟ ମାଲିକ ଶଙ୍କରର ସମ୍ପୃକ୍ତି ନେଇ ପୁଲିସକୁ ପ୍ରାଥମିକ ତଦନ୍ତ ସମୟରେ ପ୍ରମାଣ ଲାଗିଥିବାରୁ ସେମାନଙ୍କୁ ମିଶାଇ ୫ ଜଣଙ୍କୁ ପୁଲିସ ଏହି ମାମଲାରେ ରିମାଣ୍ଡରେ ନେବାକୁ ଯାଉଛି। ଏଥିପାଇଁ ଲାଲବାଗ ଥାନା ପୁଲିସ କଟକ ସଦର ଏସ୍‌ଡିଜେଏମ୍ କୋର୍ଟ ମାଧ୍ୟମରେ ଭୁବନେଶ୍ୱର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିବାକୁ ଯାଉଛି। ଅନୁମତି ମିଳିବା ପରେ ପୁଲିସ ଉକ୍ତ ୫ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବ। ଏବେ ଉଭୟ ଶଙ୍କର ଓ ସୁରେଶ ଜେଲ୍‌ରେ ଥିବାରୁ ସେମାନଙ୍କୁ ଲାଲବାଗ ଥାନା ପୁଲିସ କୋର୍ଟଙ୍କ ଅନୁମତି ବଳରେ ରିମାଣ୍ଡରେ ଆଣି ଏଏସ୍‌ଓ ପ୍ରଶ୍ନ ଉତ୍ତର କେଳେଙ୍କାରୀର ଗୁମର ଖୋଲିବାକୁ ଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଯେଉଁ ୬ ଜଣ ଗିରଫ ହୋଇ ଜେଲ୍ ଯାଇଛନ୍ତି, ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିର ଜ୍ୟୋତିର୍ମୟୀ ସାହୁ କୋଚିଂ ସେଣ୍ଟରରେ ୭୦ ପ୍ରାର୍ଥୀଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ତୁଲାଇଥିବା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ଉଭୟ ଖାନନଗର ଓ ପୋଖରୀପୁଟରେ ପ୍ରାର୍ଥୀଙ୍କୁ ଏକାଠି କରିଥିବା ଭଳି ବଡ଼ ଭୂମିକା ତୁଲାଇଥିବା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି।

## ନ୍ୟୁ ଆଜାଦ ନଗର ବିସ୍ଫୋରଣ ଘଟଣା

### ଗୁରୁତର ମୁଖ୍ୟ ଅଭିଯୁକ୍ତର ମୃତ୍ୟୁ

ଭୁବନେଶ୍ୱର,୪।୨:ନ୍ୟୁଜ୍‌ବ୍ୟୁରୋ

ଏୟାରଫିଲଡ୍ ଥାନା ନ୍ୟୁ ଆଜାଦ ନଗର ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ସେହେନୱାଜ୍ ମଲ୍ଲିକ ଓରଫ ମଫି ର ମୃତ୍ୟୁବରଣ ହୋଇଛି। ବିସ୍ଫୋରଣରେ ଗୁରୁତର ହୋଇ ମଫି ଘରୋଇ ହସ୍ପିଟାଲରେ ଗତ ୨୭ ତାରିଖରୁ ଚିକିତ୍ସାଧୀନ ଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଏନଆଇଏ ରାଜ୍ୟ ବାହାର ବିସ୍ଫୋରଣ ସହ ଏୟାରଫିଲଡ୍ ବିସ୍ଫୋରଣ ଲିଙ୍କ ଖୋଳତାଡ଼ କରୁଛି। ବରିଷ୍ଠ ଅଧିକାରୀଙ୍କ ସହ ଏନଆଇଏ ଅଧିକାରୀ ପୂର୍ବରୁ ଆଲୋଚନା କରୁଥିଲେ। ଦେଶଦ୍ରୋହ ସମ୍ପର୍କିତ ଲିଙ୍କ ଜଣାପଡ଼ିବା ପରେ ଖୋଳତାଡ଼ ଜାରି ରଖିଥିଲା ଏନଆଇଏ। ଘଟଣାସ୍ଥଳରୁ ଆରଡିଏକ୍ସ ଜବତ ହୋଇଥିଲା।

# ଅନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବ ପାଇଁ ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରୀଛାତ୍ର

ଭୁବନେଶ୍ୱର,୪।୨
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ। ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସ୍‌ର ଛାତ୍ରଛାତ୍ରୀ। ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି। ଏଥିରେ ସାମିଲ ହୋଇଛନ୍ତି କିସ୍‌ର ୧୦ଜଣ ପିଏଚ୍‌ଡି, ସ୍ନାତକ, ସ୍ନାତକୋତ୍ତର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ। ଆସନ୍ତା ମେ ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକ୍‌ସପିଅର ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକ୍‌ସପିଅରଙ୍କ ନାଟକକୁ ଜନଜାତି ଭାଷାରେ ପରିବେଷଣ କରିବେ। ବିଶ୍ୱ



ରଙ୍ଗମଞ୍ଚରେ କିସ୍ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକ୍‌ସପିଅର ନାଟକ ପରିବେଷଣ କରିବେ। ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି। ଏବେ ଛାତ୍ରଛାତ୍ରୀମାନେ ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି। ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ। କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକ୍‌ସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଡ. ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ। ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ। ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ।





ମୟୂରଭଞ୍ଜ (ରାଇରଙ୍ଗପୁର) : ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ରାଇରଙ୍ଗପୁର ଗସ୍ତ ଅବସରରେ ଆଦିବାସୀ ମହିଳାଙ୍କ ସହ ପାରମ୍ପରିକ ନୃତ୍ୟରେ ସାମିଲ ହୋଇଛନ୍ତି। ଏସଏସଡି ବାଳିକା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭାବ ବିନିମୟ କରୁଛନ୍ତି ମହାମହିମ। (ଫଟୋ : ସମ୍ବାଦକଳିକା)

## ନାବାଳିକା ଗଣଦୁଷ୍କର୍ମ ଘଟଣା

# ତଦନ୍ତ ପାଇଁ ତୁରେକେଲା ପହଞ୍ଚିଲେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ




ତୁରେକେଲା,୪।୨:ନ୍ୟୁଜ୍‌ବ୍ୟୁରୋ

ତୁରେକେଲା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣ ଦୁଷ୍କର୍ମ ହୋଇଥିବା ଭିଡିଓ ଭାଇରାଲ ହୋଇଥିଲା। ଭିଡିଓ ଆଧାରରେ ତୁରେକେଲା ପୁଲିସ ମଙ୍ଗଳବାର ୬ ଜଣ ନାବାଳକଙ୍କୁ ଅଟକ ରଖି ତଦନ୍ତ କରୁଥିବା ବେଳେ ବୁଧବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ତୁରେକେଲା ଥାନା ପହଞ୍ଚି ଅଧିକ ତଦନ୍ତ କରିଥିଲେ। ବଲାଙ୍ଗୀର ଏସ୍‌ପି ଅଭିଲାଷ ମଧ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ରାତିରେ ପୀଡ଼ିତାଙ୍କ ବାପା କଣ୍ଟାବାଞ୍ଜି ଥାନାରେ ଏତଲା ଦେଇଥିଲେ। ତେବେ ଆଇଜି ହିମାଂଶୁ ଲାଲ ଏହି ମାମଲାରେ ସମସ୍ତଙ୍କୁ ଗିରଫ କରିଛନ୍ତି। ବଲାଙ୍ଗୀର ଏସ୍‌ପି ସାଇଣ୍ଟିଫିକ୍ ଟିମ୍‌କୁ ନେଇ ତଦନ୍ତ କରିଛନ୍ତି। ଏହି ମାମଲାରେ ନାବାଳକମାନେ ସମ୍ପୃକ୍ତ ଥିବାବେଳେ ସୋସିଆଲ ମିଡିଆରେ ଏଭଳି ଭିଡିଓ ଦେଖି କମ୍ ବୟସରେ ପଥଭ୍ରଷ୍ଟ ହେଉଛନ୍ତି। ଆମ ପକ୍ଷରୁ ଆଗକୁ ସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାରେ ସାମିଲ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବଲାଙ୍ଗୀର ଏସ୍‌ପି କହିଛନ୍ତି। ଭିଡିଓ ଭାଇରାଲ ହେଲା ତେଣୁ ଆଇଟି ଆକ୍ଟରେ ମଧ୍ୟ ଲାଗିଛି। କିଏ ଭିଡିଓ କଲା ସେ ଦିଗ ଉପରେ ମଧ୍ୟ ତଦନ୍ତ ଚାଲୁଛି। ଘଟଣା ଡିସେମ୍ବରରେ ହୋଇଥିବା ବେଳେ ଏହି ମାମଲାରେ ଥିବା ଅଭିଯୁକ୍ତମାନେ ଝିଅକୁ ଧମକ୍ ଦେଉଥିଲେ। ତେଣୁ ଏତେ ଦିନ ଧରି ଏହି ଘଟଣା ଦବି ରହିଥିଲା। କିନ୍ତୁ ଭିଡିଓ ଭାଇରାଲ ହେବା ପରେ ଝିଅଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ଏସ୍‌ପି କହିଛନ୍ତି, ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଣେ ନାବାଳକଙ୍କୁ ଜେଜେବି ବୋର୍ଡରେ ହାଜର କରାଯିବ ଏବଂ କଠୋରରୁ କଠୋର ଦଣ୍ଡ କେମିତି ମିଳିବ ସେନେଇ ଚେଷ୍ଟା କରୁଛୁ।

# ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ଟପ୍ କ୍ୟାଡର ମାଓବାଦୀ



ମାଲକାନଗିରି,୪।୨ ନ୍ୟୁଜ୍‌ବ୍ୟୁରୋ

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଟପ୍ କ୍ୟାଡ଼ର ମାଓବାଦୀ ସୁଖରାମ ମରକମ୍ ଓରଫ ସୁରେଶ ଓରଫ ଯୋଗେସ୍ ବୁଧବାର ମାଲକାନଗିରି ପୋଲିସ ନିକଟରେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଏ ସମ୍ବନ୍ଧରେ ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଦେଇଥିବା ସୂଚନା ଅନୁଯାୟୀ, ୨୦୧୦ରେ ସୁଖରାମ ବାଲ୍ ସଂଗଠନରେ ପ୍ରଥମେ ଯୋଗ ଦେଇଥିଲେ। ପରେ ପରେ ସେ ୨୦୧୪ରେ ପାର୍ଟି ମେମ୍ବର ଭାବେ ଯୋଗ ଦେଇଥିବାବେଳେ ମାଲକାନଗିରି ଜିଲ୍ଲାର ବିଭିନ୍ନ ମାଓବାଦୀ ସଂଗଠନରେ ମଧ୍ୟ ଯୋଗ ଦେଇ ଥିଲେ। ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ହୋଇ ଗ୍ରାମବାସୀଙ୍କ ଉପରେ ଆକ୍ରମଣ, ପୋଲିସ ଉପରେ ଆକ୍ରମଣ, ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ଲଗାଇ ବିସ୍ଫୋରଣ ଭଳି ଘଟଣାରେ ଜଡ଼ିତ ଥିଲେ। ତାଙ୍କ ନାମରେ ମାଲକାନଗିରି ଜିଲ୍ଲା ମାଥିଲି ଥାନା, ସହ ଛତିଶଗଡ଼ର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ତେବେ ବର୍ତ୍ତମାନ ମାଓବାଦୀ ସଂଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯିବା ସହ ଛତିଶଗଡ଼ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।

ଏଥିସହ ସେ ଆତ୍ମସମର୍ପଣ କରିବା ସମୟରେ ତାଙ୍କ ନିକଟରେ ଥିବା ଗୋଟିଏ ଏସ୍‌ଏଲଆର ରାଇଫଲ, ଗୋଟିଏ ଅଫୁଟା ଗୁଳି, ଦୁଇଟି ଆଇଡି, କଡେକ୍ସ ତାର ୧୦ ମିଟର, ବିଦ୍ୟୁତ ତାର ଗୋଟିଏ ବଣ୍ଡଲ, ଟର୍ଚ୍ଚ ଲାଇଟ, ମାଓବାଦୀ ପୋଷାକ, କପଡ଼ା, ଔଷଧ, ମାଓବାଦୀ ପୁସ୍ତିକା ଇତ୍ୟାଦି ପୋଲିସ ନିକଟରେ ସମର୍ପଣ କରିଛନ୍ତି। ବର୍ତ୍ତମାନ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନଯାପନ କରିବା ପାଇଁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ସୂଚନା ଦେଇଛନ୍ତି। ତେବେ ତାଙ୍କ ଉପରେ ସରକାରଙ୍କ ତରଫରୁ ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ବେଳେ ସେ ଆତ୍ମସମର୍ପଣ କରିଥିବାରୁ ତାଙ୍କୁ ୨୫ ହଜାର ଟଙ୍କା ଅନୁକମ୍ପା ମୂଳକ ରାଶି, ୨୫ ହଜାର ଟଙ୍କା ଏକକାଳୀନ ବିବାହ ରାଶି, ୧୦ ହଜାର ଷ୍ଟାଇପେଣ୍ଡ, ସହ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଏଣିକି ହ୍ୱାଟ୍‌ସଆପ୍‌ରେ ୨୪ ଘଣ୍ଟିଆ ରାଜସ୍ୱ ସେବା



ଭୁବନେଶ୍ୱର,୪।୨
ନ୍ୟୁଜ୍‌ବ୍ୟୁରୋ

ଏଣିକି ବାରମ୍ବାର ତହସିଲ ଅଫିସ ଦୌଡ଼ିବେନି ଲୋକେ। ହ୍ୱାଟ୍‌ସଆପ୍‌ରେ ମିଳିବ ରାଜସ୍ୱ ସେବା। ୨୪ ଘଣ୍ଟିଆ ସେବା ଯୋଗାଇ ଦେବ ବିଭାଗ। ହ୍ୱାଟସଆପରେ ଗ୍ରହଣ କରାଯିବ ଜମିଜମା ବାବଦରେ ସବୁ ଅଭିଯୋଗ ଓ ଆବେଦନ। ହ୍ୱାଟସଆପରେ ରାଜସ୍ୱ ମନ୍ତ୍ରୀଙ୍କୁ ସିଧାସଳଖ କରିପାରିବେ ଅଭିଯୋଗ। ଦୁର୍ନୀତି ଅଭିଯୋଗ ଆସିଲେ ବଡ଼ ଆକ୍ସନ। ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ଗୁରୁବାର ୫୫ଟି ତହସିଲ ଅଫିସକୁ ରେଜିଷ୍ଟ୍ରି ଅଫିସରେ ରୂପାନ୍ତରିତ କରାଯିବ। ଏହା ସହ ହ୍ୱାଟସଆପ ସେବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବେ। ଏନେଇ ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ହ୍ୱାଟସ୍‌ଆପ୍ ମାଧ୍ୟମରେ ରାଜସ୍ୱ ବିଭାଗ ୨୪ ଘଣ୍ଟିଆ ସେବା ଯୋଗାଇଦେବ। ଜମିଜମା ବାବଦରେ ସମସ୍ତ ଅଭିଯୋଗ ଓ ଆବେଦନ ଗ୍ରହଣ କରାଯିବ। ସେହିପରି ଜାତି ପ୍ରମାଣପତ୍ର ସହ ରାଜସ୍ୱ ସେବାଗୁଡିକ ମିଳିବ। ଏହାସହ ସମୟ ସୀମା ମଧ୍ୟରେ ସମସ୍ୟାର ସମାଧାନ କରାଯିବ। ଏହାଦ୍ୱାରା ଦୁର୍ନୀତି ବନ୍ଦ ହେବା ସହ ବାରମ୍ବାର ଲୋକଙ୍କୁ ତହସିଲ ଅଫିସକୁ ଦୌଡ଼ିବାକୁ ପଡ଼ିବ ନାହିଁ। ନିର୍ଦ୍ଦିଷ୍ଟ ସମୟ ଭିତରେ ସମସ୍ୟା ସମାଧାନ କରାନଗଲେ କିମ୍ବା ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି କାମ ନହେଲେ ସିଧାସଳଖ ରାଜସ୍ୱ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ଅଭିଯୋଗକାରୀ ହ୍ୱାଟସଆପ୍ କରିପାରିବେ।


ବଜାରରେ ଉପଲବ୍ଧ...
"କଥାକଳିକା"
ଫେବୃୟାରୀ ସଂଖ୍ୟା-୨୦୨୬




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ଚନ୍ଦ୍ରକଳା ନାୟକ, ସୋମା ଚାନ୍ଦ, ସୁନୀତା କର, ବିନୋଦ, ଜ୍ଞାନରଞ୍ଜନ ମହାନ୍ତି, ଉମାକାନ୍ତ ରାଉତ, ପଦ୍ମାଳୟା ପାଢ଼ୀ, ରାଜଲକ୍ଷ୍ମୀ ତ୍ରିପାଠୀ।
**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି, ଅଶୋକ କୁମାର ସା'
**ଯୁବ ମାନସର କଥା :** ଲିପ୍‌ସା ପଟେଲ, ହିମାଂଶୁ ଭୂଷଣ ସାହୁ, ପ୍ରକାଶ ସାହୁ, ସୁଚରିତା ବେହେରା, ମୀନାକ୍ଷୀ ପଣ୍ଡା, ରଞ୍ଜନ ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ସୁନା ସଫା ପାଉଡ଼ର ବିକ୍ରି ନାଁରେ ମହିଳାଙ୍କଠୁ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

ଧର୍ମଶାଳା,୪।୨:ନ୍ୟୁଜ୍‌ବ୍ୟୁରୋ

ଧର୍ମଶାଳା ଥାନା ଜାରକା ବର୍ଜୁ ନଗର ଠାରେ ସୁନା ସଫା ପାଉଡ଼ର ବିକ୍ରି ନାଁରେ ଜଣେ ମହିଳାଙ୍କ ଦେହରେ ଛୁରୀ ଲଗାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଉକ୍ତ କଲୋନୀରେ ମୀନକେତନ ପଣ୍ଡା ଗେଟ୍ ପାଖକୁ ଯାଇ ତାଙ୍କ ପତ୍ନୀଙ୍କୁ ପାଉଡ଼ର ନେବା ପାଇଁ କହିଥିଲେ। ମହିଳା ଜଣକ ଗେଟ୍ ଖୋଲି ତାଙ୍କ ପାଖରେ ପହଞ୍ଚିବା ମାତ୍ରେ ତାଙ୍କ ଦେହରେ ଛୁରା ଲଗାଇ ସୁନା ଅଳଙ୍କାର ଖୋଲି ଦେବାକୁ ଧମକ ଦେବାରୁ ସେ ଭୟରେ ହାତରେ ପିନ୍ଧିଥିବା ସୁନା ଚୁଡ଼ି ଓ ମୁଦି କାଢ଼ି ଦେଇ ଦେଇଥିଲେ।

# କୋଣାର୍କ ଉପକୂଳରେ ୨୦୭୭ ଅଲିଭ ରିଡ୍‌ଲେ ଅଣ୍ଡା ସଂଗ୍ରହ : ଛୁଆ ଫୁଟିବା ପରେ ସମୁଦ୍ରରେ ଛଡ଼ାଯିବ



କୋଣାର୍କ,୪।୨
ନ୍ୟୁଜ୍‌ବ୍ୟୁରୋ

କୋଣାର୍କ ସମୁଦ୍ର ଉପକୂଳରେ ବିରଳ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଫେବୃୟାରୀ ମାସରୁ ଆରମ୍ଭ ହୋଇଛି। ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସୁରକ୍ଷା ପାଇଁ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ କଅଁରପୁର, ଚନ୍ଦ୍ରଭାଗା, ଦଶଧାଡ଼ିଆ ଓ ରାମଚଣ୍ଡୀ ଅସ୍ଥାୟୀ କଇଁଛ ସୁରକ୍ଷା ଓ ପ୍ରଜନନ କେନ୍ଦ୍ର ଖୋଲାଯାଇଛି। ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ୧୯ଟି ବସାରେ ସମୁଦାୟ ୨୦୭୭ ଅଣ୍ଡା ସଂଗୃହିତ କରାଯାଇ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଛି। ଏହି ଅଣ୍ଡାଗୁଡିକ ୪ଟି ଅସ୍ଥାୟୀ ପ୍ରଜନନ କେନ୍ଦ୍ରର ସୁରକ୍ଷିତ ଉପାୟରେ ରଖାଯାଇଛି।

ସଂଗୃହୀତ ହୋଇଥିବା ଅଣ୍ଡାରୁ ଆସନ୍ତା ୪୫ରୁ ୫୫ ଦିନ ମଧ୍ୟରେ ଛୁଆ ଫୁଟିବ। ଏହା ପରେ ସୁରକ୍ଷିତ ଭାବେ ଅଲିଭ ରିଡ୍‌ଲେ ଶାବକମାନଙ୍କୁ ଗଭୀର ସମୁଦ୍ରକୁ ଛଡ଼ାଯିବ। ଅଲିଭ ରିଡ୍‌ଲେ କଇଁଛମାନଙ୍କ ନିରାପଦ ଓ ସମୂହ ଅଣ୍ଡାଦାନ ପାଇଁ ବନବିଭାଗ ତତ୍ପର ହୋଇଉଠିଛି। ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପରେ ଅଣ୍ଡାଗୁଡିକ ବିଲୁଆ, କୁକୁରଙ୍କ ଠାରୁ ରକ୍ଷା କରିବା ପାଇଁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଥିବା କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି।

## ଓଡ଼ିଶା ପୋଲିସର ଅପରେସନ ଅନ୍ୱେଷଣ-୨

# ୫୪୫୧ ଜଣ ନିଖୋଜ ବ୍ୟକ୍ତି ଉଦ୍ଧାର

ଭୁବନେଶ୍ୱର,୪।୨
ନ୍ୟୁଜ୍‌ବ୍ୟୁରୋ

ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧.୦୧.୨୦୨୬ ରୁ ୩୦.୦୧.୨୦୨୬ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେସନ୍ ଅନ୍ୱେଷଣ-୨' ଅଭିଯାନ କରାଯାଇଥିଲା।

ଏହି ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୋଲିସ ସକ୍ରିୟ ଭାବେ ସାମିଲ ହୋଇ ରେକର୍ଡ ସଂଖ୍ୟକ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ଜଣ ନାବାଳିକା ଓ ୪୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି।

ପୁରୀ ଜିଲ୍ଲା ପୋଲିସ ସର୍ବାଧିକ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିବା ବେଳେ କଟକ ଜିଲ୍ଲା ୫୦୧ ଜଣ, ଭଦ୍ରକ ଜିଲ୍ଲା ୪୨୯ ଜଣ ଉଦ୍ଧାର କରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ୪୧୩ ଜଣ, କେନ୍ଦ୍ରାପଡ଼ା ୩୪୬ ଜଣ, ଯାଜପୁର ୨୭୧ ଜଣ, ବରଗଡ଼ ୨୩୬ ଜଣ, ଅନୁଗୁଳ ୨୧୦ ଜଣ, ଢେଙ୍କାନାଳ ୨୦୬ ଜଣ, ଜଗତସିଂପୁର ୧୭୭ ଜଣ, ନୂଆପଡ଼ା ୧୭୩ ଜଣ, ବ୍ରହ୍ମପୁର ୧୭୦ ଜଣ, କେଉଁଝର ୧୬୧ ଜଣ, ସୁନ୍ଦରଗଡ଼ ୧୩୫ ଜଣ, କଟକ ସହରାଂଚଳ ୧୩୪, କଳାହାଣ୍ଡି ୧୩୩ ଜଣ, ନୟାଗଡ଼ ୧୨୭ ଜଣ, ବାଲେଶ୍ୱର ୧୨୫ ଜଣ, ମୟୂରଭଞ୍ଜ ୧୧୯ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ନିଖୋଜ ଶିଶୁ ଓ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କୁ ପରିବାର ସହ ପୁନଃମିଳନ କରାଇବା ସହ ଆବଶ୍ୟକ ସୁବିଧା ସୁଯୋଗ ନିଶ୍ଚିତ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ଅଟେ। ଜିଲ୍ଲା ପୋଲିସ, ରେଳବାଇ ପୋଲିସ ଓ ସହରାଞ୍ଚଳ ପୋଲିସର ସମନ୍ୱିତ ଓ ସକ୍ରିୟ କାର୍ଯ୍ୟଦକ୍ଷତା ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ସମସ୍ତ ସଂପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଥିବା ସହ ଆଗାମୀ ଦିନରେ ମଧ୍ୟ ନିଖୋଜ ଶିଶୁ ଓ ମହିଳାଙ୍କ ସୁରକ୍ଷା, ଉଦ୍ଧାର ଓ ପାଇଁ ଏପରି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି।

## ପୁଲିସକୁ ଖୋଲା ଚାଲେଞ୍ଜ

### ବନ୍ଧୁକ ଦେଖାଇ ମହିଳାଙ୍କଠୁ ଲୁଟ୍

ଭୁବନେଶ୍ୱର,୪।୨:ନ୍ୟୁଜ୍‌ବ୍ୟୁରୋ

ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ବନ୍ଧୁକ ମୁନରେ ମହିଳାଙ୍କୁ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ମୁଣ୍ଡରେ ବନ୍ଧୁକ ଲଗାଇ ନେଇ ଗଲେ ସୁନା ଅଳଙ୍କାର। ନୟାପଲ୍ଲୀ ଗଡ଼ସାହିର ଘଟଣା ଯୋଗୁଁ ଲୋକେ ଭୟରେ ଥିବା ବେଳେ ସିସିଟିଭି ଯାଞ୍ଚ ସହ ତଦନ୍ତ ଆରମ୍ଭ କରିଛି କମିଶନରେଟ୍ ପୁଲିସ। ବୁଧବାର ସକାଳେ ନୟାପଲ୍ଲୀ ଗଡ଼ସାହି ଅଞ୍ଚଳରେ ରହୁଥିବା ୬୨ବର୍ଷୀୟା ଇନ୍ଦୁମତି ବଳବନ୍ତରାୟ ସବୁ ଦିନ ପରି ବୁଧବାର ମଧ୍ୟ ସକାଳୁ ଉଠି ଫୁଲ ତୋଳିବା ପାଇଁ ଘରୁ ବାହାରିଥିଲେ। ଆଉ ଠିକ୍ ସେତିକିବେଳେ ଅଚାନକ୍ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟି ନେଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୪.୨.୨୦୨୬
୪,୫୭,୭୩୦ ଟଙ୍କା
ସୁନା:- ୦୦ଗ୍ରାମ୍ ୦୨୦ ମିଲିଗ୍ରାମ୍
ରୂପା:-୧୫ ଗ୍ରାମ୍ ୭୦୦ ମିଲିଗ୍ରାମ୍